## ଶେଷ ପର୍ଯ୍ୟାୟରେ ଚାଞ୍ଚେଡ଼ିଆ ନାଳ ସେତୁ

# ଅଁଳାଯୋଡ଼ି ଓ ଗମ୍ଭାରିଆ ପଞ୍ଚାୟତକୁ ଯୋଡ଼ିବ



**ରାଇରଙ୍ଗପୁର, ୧୪।୬ (ସମିସ)**

ବହଳଦା ବ୍ଲକର ଅଁଳାଯୋଡ଼ି ଓ ଗମ୍ଭାରିଆ ପଞ୍ଚାୟତ ମଧ୍ୟରେ ସଡ଼କ ସଂଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଚାଞ୍ଚେଡ଼ିଆ ନାଳ ଉପରେ ସେତୁ ନିର୍ମାଣ ହେଉଛି। ଏହି ସେତୁ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। "ସେତୁ ବନ୍ଧନ' ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାଇରଙ୍ଗପୁର ଡିଭିଜନ ପକ୍ଷରୁ ଏହି ସେତୁ ନିର୍ମାଣ କାମ କରାଯାଉଛି। ଚାଞ୍ଚେଡ଼ିଆ ନାଳ ସେତୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖୁବଶୀଘ୍ର ହେବ ଲୋକାର୍ପଣ ହେବାକୁ ଯାଉଛି। ଯାହାକି ଦୁଇ ଗ୍ରାମ ମଧ୍ୟରେ ଦୂରତା କମାଇବ। ବର୍ଷକ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଥିଲେ ମଧ୍ୟ ରେକର୍ଡ ସମୟ ମଧ୍ୟରେ ସେତୁର ମୁଖ୍ୟ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଯାଇଛି। ବର୍ତ୍ତମାନ ଆପ୍ରୋଚ୍‌ରୋଡ଼, ସୁରକ୍ଷା ପ୍ରାଚୀର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚାଲିଛି। ସେତୁର ନିର୍ମାଣ କାମ ଶେଷ ହେଲେ ଅଁଳାଯୋଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମ ସହ ତିଖିଆ ଗ୍ରାମର ସିଧାସଳଖ ସଂଯୋଗ ଗମ୍ଭାରିଆ ପଞ୍ଚାୟତର ଭାଲୁଡ଼ିହି, ଜଗନ୍ନାଥପୁର ଓ ଭୂର୍ଷା ପରି ଜନବହୁଳ ଗ୍ରାମ ସହ ସ୍ଥାପିତ ହେବ।

ଏଥିସହିତ ଅଞ୍ଚଳବାସୀମାନେ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାର ଲାଭ ମଧ୍ୟ ସହଜରେ ପାଇପାରିବେ। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପରେ ଏହି ସେତୁ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଦୁଇ ପଞ୍ଚାୟତ ମଧ୍ୟରେ ଯାତାୟାତ ସୁବିଧା ବଢ଼ିବା ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶକୁ ମଧ୍ୟ ନୂଆ ଗତି ମିଳିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ଗୋ-ମାଫିଆଙ୍କ ଘରେ ଚଢ଼ଉ ବେଳେ ପୁଲିସକୁ ଧମକ

# ୩ ଜଣଙ୍କ ନାମରେ ମାମଲା ରୁଜୁ

**ରାଇରଙ୍ଗପୁର ୧୪।୬(ସମିସ):** ଗୋ-ମାଫିଆଙ୍କ ଘରେ ପୁଲିସ୍ ପକ୍ଷରୁ ବଡ଼ଧରଣ ଚଢ଼ଉ ହୋଇଛି। ଗୋ କାରବାରରେ ଲିପ୍ତ ମାଫିଆଙ୍କ ବିରୋଧରେ ଚଢ଼ଉ ପ୍ରକ୍ରିୟା ବେଳେ ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଜୀବନରୁ ମାରିଦେବାକୁ ଧମକ ଚମକ ଦିଆଯାଇଥିଲା। ଯାହାକୁ ନେଇ ପୁଲିସ ପକ୍ଷରୁ ୩ ଜଣଙ୍କ ନାମରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁସୁମୀ ଗ୍ରାମର ସୈଫା ବିବି (୩୦), କେନ୍ଦ୍ରେଇ ଗ୍ରାମର ସେକ ଅବଦୁଲ ହକ୍ (୩୯) ଓ ଅଜମେରି ଖାତୁନ (୩୫)। ଗୋ ତସ୍କରି ନେଇ ବାଦାମପାହାଡ଼ ଥାନାରେ କେଶ ନମ୍ବର ୭୬/୨୦୨୬ ମାମଲାରେ ଜଡିତ ଥିବା ନେଇ ପୁଲିସ ପକ୍ଷରୁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରେଇ ଗ୍ରାମର ଇଜହୁଲ ହକ ଓରଫ ଟକରା (୨୮) ଓ ସେକ ଇକରାମୁଲ ହକ ଓରଫ ନୁରାନୀ (୨୪)ଙ୍କ ବାସଭବନରେ ଶନିବାର ସକାଳୁ ଅତର୍କିତ ଚଢ଼ଉ କରିଥିଲେ। ବେଆଇନ ଗୋରୁ ବ୍ୟବସାୟୀଙ୍କ ବାସଭବନରେ ସମନ୍ୱିତ ଚଢ଼ଉ ହେବା ଖବର ପାଇ ମାଫିଆମାନେ ଫେରାର ହୋଇଯାଇଥିଲେ। ସେମାନଙ୍କ ଘରେ ଚଢ଼ଉ କରି ଗୋ ତସ୍କରୀରେ ବ୍ୟବହୃତ ଏକ ମହିନ୍ଦ୍ରା ଥାର ଗାଡି, ଏକ ମାରୁତି ଆର୍ଟିଗା କାର ଓ ଏକ ଆଲଟୋ କାର ଜବତ କରାଯାଇଥିଲା। ଏହାସହିତ ବିପୁଳ ମାତ୍ରାରେ ନଗଦ ଟଙ୍କା, ୪୨୨ ଗ୍ରାମ ରୁପା ଅଳଙ୍କାର ଓ ୨୬ ଗ୍ରାମ ସୁନା ଅଳଙ୍କାର ଜବତ ହୋଇଥିଲା। ତେବେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ବେଳେ ଗୋ-ମାଫିଆଙ୍କ ପରିବାର ଲୋକ ଓ ସମ୍ପର୍କୀୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ଗାଡ଼ି, ଅଳଙ୍କାର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଗୋ ତସ୍କରୀ ଲିଙ୍କ୍ ତଥ୍ୟ ଆଦି ନେବାକୁ ଦେଇ ନ ଥିଲେ। ପୁଲିସର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ପୁଲିସ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ଚଢ଼ଉ ସମୟରେ ମହିଳାମାନେ ରାସ୍ତା ଅବରୋଧ କରି ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ଯାହାକୁ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ଫେରାର ଦୁଇଜଣ ଗୋ ମାଫିଆଙ୍କୁ ଧରିବାକୁ ପୁଲିସ ପକ୍ଷରୁ ଯାଞ୍ଚ ଜାରି ରହିଛି।



# ୨ ଗୋରୁ ଉଦ୍ଧାର, ସ୍କର୍ପିଓ ଜବତ

**କରଞ୍ଜିଆ, ୧୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳରେ ଗୋରୁ ଚାଲାଣକୁ ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏକ ସ୍କର୍ପିଓ ଗାଡ଼ି ମଧ୍ୟରେ ଦୁଇଟି ଗୋରୁଙ୍କୁ ଅମାନୁଷିକ ଭାବେ ବାନ୍ଧି ନେଇ ଯାଉଥିବାବେଳେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ପରେ ଗୋରୁ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତି ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବାବେଳେ କରଞ୍ଜିଆ ପୁଲିସ ଦୁଇଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।



ଗତକାଲି ବିଳମ୍ବିତ ରାତିରେ କେରକେରା ଅଞ୍ଚଳରୁ ଏକ ସ୍କର୍ପିଓ ଗାଡ଼ିରେ ଦୁଇଟି ଗୋରୁଙ୍କୁ ନେଇ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଗାଡ଼ିକୁ ସେଠାରୁ ହଟାଇବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକ ରାସ୍ତା କଡ଼ରେ ପଡ଼ିଥିବା ଗାଡ଼ିକୁ ଦେଖି ନିକଟକୁ ଯାଇଥିଲେ। ସେଠାରେ ଗାଡ଼ି ଭିତରେ ଦୁଇଟି ଗୋରୁଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ବାନ୍ଧି ରଖାଯାଇଥିବା ଦେଖି ସେମାନେ ତୁରନ୍ତ କରଞ୍ଜିଆ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଗୋରୁ ଦୁଇଟିକୁ ଉଦ୍ଧାର କରିଥିଲା। ପରେ ସେମାନଙ୍କୁ ମୁକ୍ତ କରାଯିବା ପରେ ଗୋରୁ ଦୁଇଟି ନିଜ ମାଲିକଙ୍କ ଘର ଆଡ଼କୁ ଚାଲିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୁଲିସ ଘଟଣାସ୍ଥଳରୁ ସ୍କର୍ପିଓକୁ ଜବତ କରି କରଞ୍ଜିଆ ଥାନାକୁ ଆଣିଥିବାବେଳେ ଗାଡ଼ି ମାଲିକ ଓ ଗୋରୁ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରଖିଛି।

# ଚିକିତ୍ସାଧୀନ ସାମ୍ବାଦିକଙ୍କ ମୃତ୍ୟୁ

**ଠାକୁରମୁଣ୍ଡା/ମହୁଲଡିହା,୧୪।୬ (ସମିସ):** ଠାକୁରମୁଣ୍ଡା ବ୍ଲକର ସମାଜ ଓ ଏମବିସି ଟିଭି ସାମ୍ବାଦିକ ଦିଲ୍ଲୀପ କୁମାର ମହାନ୍ତଙ୍କ ରବିବାର ସକାଳ ୪.୩୦ ମିନିଟ ସମୟରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ କରଞ୍ଜିଆ ଉପଖଣ୍ଡ ଓ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିବାବେଳେ ଠାକୁରମୁଣ୍ଡା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଶନିବାର ସେ ଗୁରୁତର ହୋଇପଡିବାରୁ ତାଙ୍କୁ ପରିବାର ଲୋକ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଥିବା ସତ୍ତ୍ୱେ ସେ ନୈତିକ ସାହସ ହରାଇ ନ ଥିଲେ। ସେ ଦୈନିକ ଖବର ସଂଗ୍ରହ ଜାରି ରଖିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ, ସ୍ତ୍ରୀ ଓ ବାପା ଅଛନ୍ତି। ୮ ମାସ ପୂର୍ବରୁ ତାଙ୍କ ମାଆଙ୍କ ଦେହାନ୍ତ ହୋଇଥିଲା। ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ସମ୍ପାଦକ ତାରାକାନ୍ତ ପଟ୍ଟନାୟକ, ସାମ୍ବାଦିକ ଯୋଗେନ୍ଦ୍ର ପାତ୍ର, ଚକ୍ରଧର ଦାସ, ସଚ୍ଚିଦାନନ୍ଦ ପଲେଇ, ହରେକୃଷ୍ଣ ତ୍ରିପାଠୀ, ଲକ୍ଷ୍ମୀନାରାୟଣ ରାଉତରାୟ, ବସନ୍ତ ସୋରେନ, ଏସକେ ରାଜୁ, କୃଷ୍ଣଚନ୍ଦ୍ର ମୁର୍ମୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ।



## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ

# ଗୁରୁ ଗୋମକେଙ୍କ ଜନ୍ମଭୂମି ପରିଦର୍ଶନ ପାଇଁ ନିମନ୍ତ୍ରଣ



**ରାଇରଙ୍ଗପୁର, ୧୪।୬ (ସମିସ):** ସାନ୍ତାଳୀ ଭାଷାର ଗୌରବମୟ ଅଲଚିକି ଲିପିର ସ୍ରଷ୍ଟା, ବିଶିଷ୍ଟ ଶିକ୍ଷାବିତ୍, ଦାର୍ଶନିକ ଓ ସାନ୍ତାଳ ସମାଜର ପଥପ୍ରଦର୍ଶକ ପଣ୍ଡିତ ରଘୁନାଥ ମୁର୍ମୁ (ଗୁରୁ ଗୋମକେ)ଙ୍କ ଅଲଚିକି ଲିପିର ଶତବାର୍ଷିକୀ ପାଳନ କରାଯାଇଛି। ଉଦ୍‌ଯାପନୀ ବର୍ଷ ଅବସରରେ ତାଙ୍କ ପରିବାର ଓ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଜନ୍ମଭୂମି ଓ ସାଧନାସ୍ଥଳୀ ପରିଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ଗୁରୁ ଗୋମକେଙ୍କ ବଡ଼ ପ୍ରପୌତ୍ର ଚୁନିୟାନ ମୁର୍ମୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସମ୍ଭାବ୍ୟ ରାଇରଙ୍ଗପୁର ଗସ୍ତକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ)କୁ ଏକ ଆନୁଷ୍ଠାନିକ ଇ-ମେଲ୍ ମାଧ୍ୟମରେ ନିମନ୍ତ୍ରଣ ପତ୍ର ପଠାଯାଇଛି। ଖୁବଶୀଘ୍ର ରାଇରଙ୍ଗପୁର ଉପଜିଲ୍ଲାପାଳ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧ୍ୟମରେ ମଧ୍ୟ ଏହି ନିମନ୍ତ୍ରଣ ପତ୍ର ଉଭୟ ଶୀର୍ଷ ନେତୃତ୍ୱଙ୍କ ନିକଟକୁ ପଠାଯିବ। ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ରହିଛି ଯେ, ୧୯୨୫ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟ ଅଲଚିକି ଲିପିର ଶତବାର୍ଷିକୀ ବର୍ଷ ଏବେ ସମାପନ ପର୍ଯ୍ୟାୟରେ ପହଞ୍ଚିଛି। ଏ ଅବସରରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଗୁରୁ ଗୋମକେଙ୍କ ଜନ୍ମସ୍ଥାନ ଦଣ୍ଡବୋଷ ଗ୍ରାମ, ତାଙ୍କ ସାଧନା ଓ ସମାଧିସ୍ଥଳ କାପି ବୁରୁ (ଦହିବେକା) ପରିଦର୍ଶନ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ଚୁନିୟାନ ମୁର୍ମୁ କହିଛନ୍ତି, ଅଲଚିକି ଲିପିର ଶତବାର୍ଷିକୀ ସମାପନୀ ବର୍ଷରେ ଦେଶର ଦୁଇ ଶୀର୍ଷ ନେତାଙ୍କ ଏହି ପବିତ୍ର ଭୂମିକୁ ଆଗମନ ସାନ୍ତାଳ ସମାଜର ସ୍ୱାଭିମାନ, ସାଂସ୍କୃତିକ ପରିଚୟ ଓ ଐତିହ୍ୟକୁ ନୂଆ ଉଚ୍ଚତା ପ୍ରଦାନ କରିବ। ଏହି ନିମନ୍ତ୍ରଣ ପ୍ରତି ସକାରାତ୍ମକ ପ୍ରତିକ୍ରିୟା ମିଳିବ ବୋଲି ପରିବାର ଓ ଟ୍ରଷ୍ଟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଉଭୟ ବିଶିଷ୍ଟ ଅତିଥିଙ୍କୁ ପାରମ୍ପରିକ ସାନ୍ତାଳୀ ରୀତିନୀତି ଓ ସମ୍ମାନ ସହ ସ୍ୱାଗତ କରିବାକୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ଭଞ୍ଜସମିତି ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ



**ଶୁଳିଆପଦା, ୧୪।୬(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ ପାକଟିଆ ଗ୍ରାମସ୍ଥ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବାର୍ଷିକ ମାଧ୍ୟମିକ ବୋର୍ଡ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୨୨ ଜଣ ଛାତ୍ରଛାତ୍ରୀଙ୍କ ସମ୍ମାନାର୍ଥେ ଭଞ୍ଜସମିତି ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ସମାରୋହ ସମିତି ସଭାପତି ରଞ୍ଜିତ କୁମାର ଧଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଅଂଶଗ୍ରହଣ କରି ରାମାୟଣ ଓ ମହାଭାରତରୁ ଅନେକ ଉପାଦେୟ ତଥ୍ୟ ମାଧ୍ୟମରେ ଉପସ୍ଥିତ ପ୍ରତିଭାଧାରୀ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବା ସଙ୍ଗେ ସଙ୍ଗେ ମାଟି ଓ ମା' ପ୍ରତି ଆସକ୍ତି ସହ ଅତୁଟ ସମ୍ପର୍କ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ଗଣେଶ୍ୱର ଭୋଇଙ୍କ ସୌଜନ୍ୟରୁ ପ୍ରଦତ୍ତ ଅଭିଧାନ ଓ ସମିତି ପକ୍ଷରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା । ମତ ବିନିମୟ ଅବସରରେ ପ୍ରତିଭାଧାରୀ ନିଜକୁ ଆଗାମୀ ଦିନ ପାଇଁ କିପରି ପ୍ରସ୍ତୁତ କରିବେ, ନିଜ ଭବିଷ୍ୟତ ସହ ସାମାଜିକ ଦାୟିତ୍ୱବୋଧ ଉପରେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏହି ଆଲୋଚନାରେ ଅଂଶଗ୍ରହଣ କରି ଡ ଗଣେଶ୍ୱର ଭୋଇ, ରତିକାନ୍ତ ସି, ଦୀବକାର ଧୀର, ଗୌରମୋହନ ସି, କ୍ଷୀରୋଦ ତୁଙ୍ଗ, ରଜନୀକାନ୍ତ ଧଳ, ହରେନ୍ଦ୍ର ମୋହନ ସି, ରଣଜିତ ଧୀର, ମୀନକେତନ ସି, ଦିଲ୍ଲୀପ ଧୀର, ହରିହର ତୁଙ୍ଗ ଛାତ୍ରଛାତ୍ରୀଙ୍କୁ ସୁପରାମର୍ଶ ଦେବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମିତି ସମ୍ପାଦକ ଅତୁଲ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଢ଼ାବଳଙ୍ଗରେ ନୂତନ ସେତୁ ନିର୍ମାଣ ପାଇଁ ପୂଜାର୍ଚ୍ଚନା



**ବାରିପଦା,୧୪।୬(ସମିସ):** ବଡ଼ସାହି ବ୍ଲକ ଶିଆଳୀଘାଟୀ ପଞ୍ଚାୟତ ବାଘୁଆପାଳ-ସିଂହଟିଆକୁ ଯୋଡ଼ିବାକୁ ଯାଉଥିବା ସେତୁ ନିର୍ମାଣକୁ ନେଇ ପୂଜାର୍ଚ୍ଚନା କରାଯାଇଛି। ଭଞ୍ଜବାଟି ଗ୍ରାମର ବାବା କାଶୀ ବିଶ୍ୱେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଶତାଧିକ କୁମ୍ଭ ଜଳଭିଷେକ କରାଯାଇ ହୋମଯଜ୍ଞ ସମ୍ପନ୍ନ ହୋଇଛି। ଶିଆଳୀଘାଟୀ, ପାଉଁଶିଆ, ବଳଭଦ୍ରପୁର ଓ ମାଧପୁର ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ହଜାର ହଜାର ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଛି। କୋଟି ଟଙ୍କା ବ୍ୟୟରେ ସେତୁ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଛି। ରବିବାର ସକାଳ ୭ଟାରେ ନିର୍ମାଣ ସ୍ଥାନ ବୁଢ଼ାବଳଙ୍ଗ ନଦୀରୁ କୁମ୍ଭପୂର୍ଣ୍ଣ ଜଳକୁ କାଉଡିଆମାନେ ଏକ ଶୋଭାଯାତ୍ରାରେ ବାହାରି ଶୈବ ପୀଠକୁ ଆଣିଥିଲେ। ଶଙ୍ଖ, ହୁଳହୁଳି, ସଂକୀର୍ତ୍ତନ ଓ ହରିବୋଲ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏଥିରେ ୭୦ରୁ ଊର୍ଦ୍ଧ୍ୱ କାଉଡିଆ କଳସ ଭାରରେ ଜଳ ଆଣି ଠାକୁରଙ୍କୁ ଅର୍ପଣ କରିଥିଲେ। ୫ ଜଣ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ରପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହେବା ପରେ ଅଞ୍ଚଳବାସୀ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ୟୋକ୍ତା ଶିରିଶ ଚନ୍ଦ୍ର ଗିରି, ଆନନ୍ଦ ଶଙ୍କର ପାତ୍ର, ଦୀନବନ୍ଧୁ ଗିରି, ସଞ୍ଜୟ ପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ନଛିପୁରରେ ରଜ ଉତ୍ସବ ଉଦ୍‌ଘାଟିତ




**କପ୍ତିପଦା,୧୪।୬ (ସମିସ):** କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଞ୍ଚାୟତର ନଛିପୁର ଗ୍ରାମରେ ରଜ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଯୋଗଦେଇ ଗଣପର୍ବ ରଜ ଭାଇଚାରା ସୃଷ୍ଟି କରିବାର ପର୍ବ କହିବା ସହିତ ରଜ ପର୍ବକୁ ସମସ୍ତେ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନି, ଯୁବନେତା ସଞ୍ଜୟ ବେହେରା, ବିଜୟ କୁମାର ସେନାପତି, ମଣ୍ଡଳ ସଭାପତି ସୁମନ୍ତ ରାଉଳ, ଶୀତକଣ୍ଠ ରାଉତ, ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଗ୍ରାମର ମହିଳାମାନେ ଅତିଥିଙ୍କୁ ପାରମ୍ପାରିକ ଢ଼ଙ୍ଗରେ ସ୍ୱାଗତ କରିଥିଲେ। ଏହି ପର୍ବ ୩ଦିନ ଧରି ହେବାକୁ ଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରଜପର୍ବ କମିଟି ପକ୍ଷରୁ କୁହାଯାଇଛି। ଏହି ପର୍ବକୁ ଗ୍ରାମର ସମସ୍ତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଅମ୍ବିକା ସାହିରେ ରଜ ମଉଜ ଉଦ୍‌ଘାଟିତ



**ବାରିପଦା,୧୪।୬(ସମିସ):** ସ୍ଥାନୀୟ ଅମ୍ବିକା ସାହିରେ ଥିବା ଶିଶୁ ଉଦ୍ୟାନରେ ତିନିଦିନିଆ ୧୩ତମ ରଜ ମଉଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବରିଷ୍ଠ ଅଭିନେତା ଓ ପ୍ରଯୋଜକ ଅସିତ ପତି ଓ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏଥିରେ ରଜ ମଉଜର ସଭାପତି ଜିତେନ୍ଦ୍ର ମହାନ୍ତି ଓ ସଂଯୋଜକ ଲିଟନ ପଟ୍ଟନାୟକ ଯୋଗ ଦେଇଥିଲେ। କୃଷି ନିଗମର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କର୍ମକର୍ତ୍ତା ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କାଉନସିଲର ଶିବଶଙ୍କର ପାତ୍ର, ଅନନ୍ତ ଦାସ, ଦେବଶିଷ ପାତ୍ର, ପ୍ରଭାତୀ ମହାନ୍ତି, ମୁର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ରୀନା ଶର୍ମା, ଜିତା ସିଂ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ସେହିପରି ବାଙ୍ଗିରିପୋଷି କଲେଜର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ ପୋଡପିଠା କାଟି ରଜକୁମାରୀଙ୍କ ମଧ୍ୟରେ ପ୍ରେରଣା ଭରିଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ସୁନୀଲ ଜେନା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ସାହିର ଶାନ୍ତନୁ ଦାସ, ପ୍ରେମଜିତ୍ ଦାସ, ଡା. କିଶୋର ପାତ୍ର, ସତ୍ୟସ୍ୱରୂପ ଦାଶ, ଅମ୍ବିକା ଘୋଷ, ନନ୍ଦନ ଭଞ୍ଜ, କଳାକାର ଅଭିଷେକ ରାଉତ, ରିଚା ବାରିକ, ସୁଦର୍ଶନ ସାହୁ, ଦୀପକ ଦାସ, ଶିବାନନ୍ଦ ସାହୁ, ସୂରଜ କୁମାର, ଅଭିନନ୍ଦନ ଦାସ ଓ ମୁନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ମ୍ୟୁଜିକ ଚେୟାର, ବୁରା ଡିଆଁ ଓ ସ୍କିପିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ସନ୍ଧ୍ୟାରେ ସିନିୟର ଓ ଜୁନିୟର ଗ୍ରୁପର ଏକକ ରେକର୍ଡ ଡ୍ୟାନସ୍ ପ୍ରତିଯୋଗିତା ସହ ରଜକୁଇନ ପ୍ରତିଯୋଗିତାର ପ୍ରାରମ୍ଭିକ ଅଧ୍ୟାୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ବରିଷ୍ଠ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଡଃ ତନ୍ମୟୀ ରଥ ଓ ଅନୁପ ସାହା ସଂଗୀତ ପରିବେଷଣ କରିବେ। ଚଳଚ୍ଚିତ୍ର ପ୍ରଯୋଜକ ଓ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଖଡ଼ିଆ ଜନଜାତିଙ୍କ ନିଆରା ରଜ ପର୍ବ

# ଦୋଳି ଗୀତରେ ପରାଜିତ ଯୁବକଯୁବତୀଙ୍କ ହୁଏ ବିବାହ

**ବାରିପଦା,୧୪।୬(ସମିସ)**

ସାରା ରାଜ୍ୟ ରଜପର୍ବକୁ ଧୁମଧାମରେ ପାଳନ କରୁଥିବାବେଳେ ଏହି ପର୍ବକୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଆଦିମ ଖଡ଼ିଆ ଜନଜାତିର ଅବିବାହିତ ଯୁବକ/ଯୁବତୀ ସାରା ବର୍ଷ ଅପେକ୍ଷା କରି ରହିଥା'ନ୍ତି। କାରଣ ଖଡ଼ିଆ ସମ୍ପ୍ରଦାୟରେ ରହିଛି ନିଆରା ପରମ୍ପରା। ପରମ୍ପରା ମୁତାବକ ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକ/ଯୁବତୀ ମଧ୍ୟରେ ରଜଦୋଳି ବାଦୀଗୀତ ମାଧ୍ୟମରେ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇ ଗୀତରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଯେଉଁ ପୁଅ ଯେଉଁ ଝିଅକୁ ହରାଏ ଅବା ଯେଉଁ ଝିଅ ଯେଉଁ ପୁଅକୁ ହରାଏ, ଉଭଙ୍କର ବିବାହ ସ୍ଥିର ହୋଇଥାଏ। ଉକ୍ତ ବିବାହ ପାରମ୍ପରିକ ରୀତିରେ ଜଗନ୍ନାଥଙ୍କ ଘୋଷଯାତ୍ରା ସମୟରେ ସମ୍ପନ୍ନ ହୋଇଥାଏ।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ସଂସ୍କୃତି ଓ ରଜପର୍ବ ସମ୍ପୂର୍ଣ୍ଣ ନିଆରା। ଏଠାରେ ରଜ ୩ ଦିନ ଧରି ପାଳିତ ହୁଏ। ଏ ଅବସରରେ ବାରିପଦା, ବଡ଼ସାହି, ବେତନଟୀ, ମୋରଡା, ରାସଗୋବିନ୍ଦପୁର, କପ୍ତିପଦା ଓ ଯଶିପୁର ଆଦି ବ୍ଲକର ଆଦିବାସୀ ଖଡିଆ ସମ୍ପ୍ରଦାୟର ଆବାଳ ବୃଦ୍ଧବନିତା ପିଠାପଣା, ନାଚଗୀତ ଓ ଦୋଳି ଖେଳରେ ମସଗୁଲ ହୋଇ ଉଠନ୍ତି। ରଜପର୍ବ ପାଳନ ପାଇଁ ଦୋଳି ପଡ଼ିଆରେ ସମସ୍ତେ ଏକାଠି ହୋଇଥା'ନ୍ତି। ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକ/ଯୁବତୀ ନିଜ ନିଜର ପାରମ୍ପରିକ ଦୋଳି ବାଦୀ ଗୀତର ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଭାଗ ନିଅନ୍ତି। ତେବେ ଏହି ଅନ୍ତାକ୍ଷରୀ ପ୍ରତିଯୋଗିତା ମାଧ୍ୟମରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଯୁବକମାନେ ଯୁବତୀମାନଙ୍କୁ ହରାଇବାକୁ ଚେଷ୍ଟା କରୁଥିବାବେଳେ ଆଉ ଯୁବତୀମାନେ ଯୁବକମାନଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଏଠାରେ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି ହୋଇଥାଏ। ହାରିବାର ଭୟ ଓ ଜିତିବା ଖୁସିରେ ଯୁବକମାନେ ଉତ୍ସାହିତ ଥିବାବେଳେ ଯୁବତୀମାନେ ମଧ୍ୟ ନିଜ ପସନ୍ଦ ଥିବା ଯୁବକଙ୍କୁ ହରାଇବା ପାଇଁ ଲାଗିଥା'ନ୍ତି।



କାରଣ ହରାଇବା ଅର୍ଥ ହିଁ ପରମ୍ପରା ଅନୁସାରେ ବିବାହ ସ୍ଥିର ହୁଏ। ଏମାନେ ମଧ୍ୟ ଏସବୁ ପରମ୍ପରା ଓ ପ୍ରଥାକୁ ନେଇ ମାନସିକ ସ୍ତରରେ ଦୃଢ ରହିଥାନ୍ତି। ଆଦିବାସୀ ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟରେ ଏ ପ୍ରଥା ଓ ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ଯୁବକ/ଯୁବତୀମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ଏକାଠି ହୋଇଥା'ନ୍ତି ଆଖପାଖ ଗ୍ରାମର ଲୋକେ। ତେବେ ନିଜ ଗାଁର ଯୁବତୀ ଏହି ପ୍ରତିଯୋଗିତାରେ ଭାଗ ନେଉଥିବାବେଳେ ଅନ୍ୟ ଗ୍ରାମରୁ ଯୁବକମାନେ ପ୍ରତିଯୋଗିତା ଭାଗନେବାକୁ ଆସିଥା'ନ୍ତି। ପ୍ରତିଯୋଗିତା ମାଧ୍ୟମରେ ବିବାହ ସ୍ଥିର ହେବା ପରେ ରଥଯାତ୍ରା ସମୟରେ ଏହି ବିବାହ ସମ୍ପନ୍ନ ହୋଇଥାଏ। ଖଡ଼ିଆ ସମ୍ପ୍ରଦାୟର ଲୋକେ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ବଡାମ ନାମରେ ପୂଜା କରିଥା'ନ୍ତି। ଏ ପରମ୍ପରା ଓ ପ୍ରଥାକୁ ଦେଖିବା ପାଇଁ ବାହାର ଗାଁରୁ ମଧ୍ୟ ଲୋକମାନେ ଆସିଥା'ନ୍ତି। ଓଡ଼ିଆଙ୍କ ବାର ମାସରେ ତେର ପର୍ବ ଓ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରା। ତେବେ ଆଧୁନିକ ଯୁଗରେ ମଧ୍ୟ ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟର ଲୋକେ ଏଭଳି ପ୍ରଥା ଓ ପରମ୍ପରାକୁ ଆଜି ପର୍ଯ୍ୟନ୍ତ ବଜାୟ ରଖିଛନ୍ତି। ତାହା ସବୁଠୁ ବଡ଼ କଥା ବୋଲି ଆଦିବାସୀ ଭାଷା ସଂସ୍କୃତି ଗବେଷକ ଡଃ ରାଜକିଶୋର ନାୟକ କହିଛନ୍ତି।

ଜମୁଛି ରଜ ପର୍ବ

# ଗାଁ ଦାଣ୍ଡ ଚଳଚଞ୍ଚଳ







ଆନନ୍ଦପୁର: ଏକାମ୍ର ହାଟ ସାଂସ୍କୃତିକ ମଞ୍ଚରେ ସଜରେ ସଜରେ ରଜ କାର୍ଯ୍ୟକ୍ରମରେ ଆନନ୍ଦପୁରସ୍ଥିତ ବୀଣାପାଣି କଳା ନିକେତନ ନୃତ୍ୟ ଶିଳ୍ପୀଙ୍କ ନୃତ୍ୟ ଓ ଜୟଶ୍ରୀ ଧଳଙ୍କ ସଂଗୀତ ପରିବେଷଣ।



■ ପଡ଼ିଆଠୁ ବଜାର ଉତ୍ସବମୁଖର
■ ଘରେ ଘରେ ପିଠା-ମିଠାର ମହକ

**କେନ୍ଦୁଝର, ୧୪।୬(ସମିସ):** ଗଣପର୍ବ ରଜକୁ ନେଇ ସମଗ୍ର ଜିଲ୍ଲା ଉତ୍ସବ ମୁଖର ହୋଇପଡିଛି। ବିଭିନ୍ନ ସ୍ଥାନରେ ରବିବାର ପହିଲି ରଜ ଧୁମଧାମରେ ପାଳିତ ହୋଇଥିବାବେଳେ ପାରମ୍ପରିକ ଭାବରେ ରଜଦୋଳି ଓ ରଜଗୀତ ଲୋକଙ୍କ ପୁରୁଣା ଦିନର ସ୍ମୃତିକୁ ଉଦଜୀବିତ କରିଛି। ବିଭିନ୍ନ ସ୍ଥାନରେ ରଜ ଉପଲକ୍ଷେ ଭଳିକି ଭଳି ଦୋଳି, ତାସ୍ ପ୍ରତିଯୋଗୀତା, ରଜବତୀ ବିବାହ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରଜକୁ ସ୍ୱାଗତ କରାଯାଇଛି।

ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜି ସମେତ ବୀଣାଝରି, ଗଦାଧରପୁର, ଉପରଡିହା, ବିସ୍ତାପାଳ, ରାଇସୁଆଁ ହର୍ଷପୁର, ଭାଟୁଣିଆ, ଟଭାସରୁଆ, ଗୋବର୍ଦ୍ଧନ, ପୁରୁଣାବଜାର ଡିପାସାହି, ଝାରବେଲଦା, ସେଣ୍ଡକାପ, ମଇଦାନକେଲ ସମେତ ଅନେକ ସ୍ଥାନରେ ଏହି ରଜ ମଉଜ ଦୋଳି ଶବ୍ଦରେ ପ୍ରକମ୍ପିତ ହେଉଛି। ପିଠାପଣା, ନୂତନ ବସ୍ତ୍ର ଓ ଦୋଳିରେ ସମସ୍ତ ଲୋକ ମସଗୁଲ୍ ରହିଥିବାବେଳେ ଯୁବକ ଯୁବତୀମାନଙ୍କ ପାଇଁ ଏହି ପର୍ବ ଅନେକ ଉତ୍ସାହ ଯୋଗାଇଛି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳର ଅନେକ ସ୍ଥାନରେ ତାସ୍ ଖେଳ ପ୍ରତିଯୋଗିତା, କବାଡି ପ୍ରତିଯୋଗିତା, ଦୋଳିଗୀତ ପ୍ରତିଯୋଗିତା, ଡ୍ୟାନ୍ସଡ୍ୟାନ୍ସ ସାଙ୍ଗକୁ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। କେନ୍ଦୁଝରରେ ବସବାସ କରି ଆସୁଥିବା ପ୍ରାଚୀନ ଆଦିବାସୀମାନଙ୍କର ଅନ୍ୟତମ ମୁଖ୍ୟ ପର୍ବ ଭାବରେ ରଜପର୍ବର ମହକ ବେଶ ମିଠା। ପ୍ରତ୍ୟେକ ଗାଁର ମଧ୍ୟ ଭାଗରେ ଖାଇଦୋଳି, ଉଙ୍ଗାଦୋଳି, ଚକ୍ରିଦୋଳି ପାଇଁ ବହୁ ପୂର୍ବରୁ କାଠ ସଂଗ୍ରହ କରାଯାଇ ରଜର ପୂର୍ବଦିନରୁ ଦୋଳି ସଜ ସରିଥାଏ। କାମଧନ୍ଦା ବନ୍ଦ କରି ସମସ୍ତେ ପିଠାପଣା, ନାଚଗୀତ ଓ ଦୋଳି ଖେଳରେ ମସଗୁଲ୍ ହୋଇଉଠନ୍ତି। ବର୍ଷକରେ ଥରେ ଆସୁଥିବା ଏହି ପର୍ବ ପାଇଁ ସମସ୍ତ ଜିଲା ଉତ୍ସବମୁଖର ହୋଇଉଠେ। ଆଦିବାସୀ ଅଞ୍ଚଳରେ ଏକ ନିଆରା ପରମ୍ପରା ରଜରେ ଦେଖିବାକୁ ମିଳେ। ଅନେକ ସ୍ଥାନରେ ଦୋଳି ପାଖରେ ରଜବତୀଙ୍କ ପୂଜା କରାଯାଇଥାଏ। ଜିଲ୍ଲାର ଐତିହାସିକ ପୀଠ ସିତାବିଞ୍ଜି, ସଦର ବ୍ଲକର ଭାଟୁଣିଆ ଓ ହର୍ଷପୁର ଜଳବଙ୍ଗ, ଗୋବର୍ଦ୍ଧନ, ଭାଟୁଣିଆ ସମେତ ଅନ୍ୟାନ୍ୟ ସ୍ଥାନରେ ରଜପର୍ବ ଜାକଜମକରେ ପାଳିତ ହେଉଛି। ଗ୍ରାମର ପୂଜାରୀ ଦୋଳି ପାଖଶାଳାରେ ମୂର୍ତ୍ତି ସ୍ଥାପନ କରି ପୂଜାପାଠ କରି ରଜଦୋଳି ଶୁଭାରମ୍ଭ କରିଥିବାବେଳେ ମଝି ରଜ ଦିନ ରଜବତୀଙ୍କୁ କନିଆ ବେଶରେ ସଜାଇ ଗ୍ରାମ ପରିକ୍ରମା କରିଥାନ୍ତି। ଯୁବତୀମାନେ ସେମାନଙ୍କ କନିଆ ମଙ୍ଗୁଳା କରିଥାନ୍ତି। ତା'ପରେ ବ୍ରାହ୍ମଣ ଆସି ପୂଜାପାଠ କରନ୍ତି। ବ୍ରାହ୍ମଣ ରଜବତୀଙ୍କ ବାହାଘର କରନ୍ତି। ଉକ୍ତ ସମୟରେ ମହିଳାମାନେ ନାଚଗୀତ କରିଥାନ୍ତି। ଝିଅ ବାହାଘର ପରି ବାହାଘରର ସମ୍ପନ୍ନ ହୋଇଥାଏ। ରାତିତମାମ ଦୋଳି ଖେଳ, ନାଚ ଓ ଗୀତରେ କଟାଇଥାନ୍ତି। ସମସ୍ତଙ୍କ ଘରେ କୁଣିଆଁ ଭିଡ ଲାଗିଥାଏ ଏବଂ ଗ୍ରାମ ଆଖପାଖ ଅଞ୍ଚଳର ରଙ୍ଗବେରଙ୍ଗ ପୋଷାକ, ଶାଢି ପରିଧାନ କରି ରମଣୀମାନେ ଦିନତମାମ ଦୋଳି ଓ ଗୀତରେ ମସଗୁଲ୍ ହୋଇଛନ୍ତି। କେନ୍ଦୁଝର ଜିଲାର ମୁଖ୍ୟ ପର୍ବ ଭାବରେ ବିବେଚିତ ହେଉଥିବା ବେଳେ ସହର ବଜାରରେ ଥିବା ବଡ ବଡ ଦୋକାନ ଓ ମଲରେ ଖାଁ ଖାଁ ପରିସ୍ଥିତି ସୃଷ୍ଟି ହୋଇଛି। ସଦର ବ୍ଲକର କେତେକ ଅଞ୍ଚଳରେ ପ୍ରଥମ ରଜରେ ଝଡ଼ ବର୍ଷା ରଜ ମାହୋଲକୁ ଟିକିଏ ଧିମା କରିପକାଇଛି।

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଟକାପ ଓ ଗୋବର୍ଦ୍ଧନ ସମେତ ଗାଁ ଗାଁରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ଘରେ ଘରେ ପିଠାପଣା ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଗୋବର୍ଦ୍ଧନ ହାଇସ୍କୁଲ ପଡିଆରେ ଖାଇ ଦୋଳି, ଚକ୍ରି ଦୋଳି, ପଟା ଦୋଳି ମିଶି ୧୬ଟି ନିର୍ମାଣ ହୋଇଛି। ଆଖଣ୍ଡଳେଶ୍ୱର ମନ୍ଦିର ପୂଜକ ଶଶିକାନ୍ତ ପଣ୍ଡା ପୂଜାର୍ଚ୍ଚନା କରିବା ପରେ ଦୋଳି ଖେଳ ଆରମ୍ଭ ହୋଇଥିଲା। ବହୁସଂଖ୍ୟାରେ ଝିଅ,ବହୂ ମହିଳାମାନେ ଦୋଳି ଖେଳିବା ସହ ରଜ ଗୀତ ବୋଲିଥିଲେ। ଗଣପର୍ବ ରଜ ପାଇଁ ସମସ୍ତେ ନୂଆଁ ପୋଷାକ ପରିଧାନ କରି ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି। ଏଠାରେ ତିନିଦିନ ଧରି ରଜ ମହୋତ୍ସବ ଆୟୋଜନ ହେଉଥିବାବେଳେ ପ୍ରଥମ ରଜ ଅବସରରେ ବିଶେଷ ଅଭିନେତ୍ରୀ ଜ୍ୟୋତିର୍ମୟୀ କର ଓ ରୋଜାଲିନ୍ ଯୋଗଦେବାର ମୁଖ୍ୟ ଆକର୍ଷଣ। ରାତ୍ରରେ ମନୋରଞ୍ଜନ ନିମିତ୍ତ ଡ୍ୟାନ୍ସ ଧମାକା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ୧୫ ଓ ୧୬ରେ ମହିଳାଙ୍କ ଦ୍ୱାରା ରଜ ଦୋଳି ଖେଳ ସହ ରଜଗୀତ ପରିବେଷଣ ହେବାକୁଥିବାବେଳେ ୧୭ରେ ରଜବତୀ ବିବାହ ସହ ରଜ ବିଦାୟୀ ନାଚଗୀତରେ ମହିଳା ମାନେ ବିଦାୟ ଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଗ୍ରାମର ବିନତା ନାଏକ, ଅନିଲା ସାହୁ, ଅଞ୍ଜଳି ନାଏକ, ସରସ୍ୱତୀ ନାଏକ, ଚାଇଁଚ ଦେହୁରୀ, ରଶ୍ମି ନାଏକ, ନନ୍ଦିନୀ ନାଏକ, ବିଳାସ ବେହେରା, ଲିଲିମନି ସାହୁ ସହଯୋଗ କରୁଛନ୍ତି।

ଅନ୍ୟପଟେ, ସେଣ୍ଡକାପ ପୋଇ ଆମ୍ବତୋଟାଠାରେ ରଜ ମହତ୍ସୋବ ଅନୁଷ୍ଠିତ ହୋଇଛି। ଏଠାରେ ଖାଇ ଦୋଳି ୩ଟି, ଝୁଲା ଦୋଳି ୩ଟି ସମେତ ପଟାଦୋଳି ଆଦି ନିର୍ମାଣ ହୋଇଛି। ଉପେନ୍ଦ୍ର ଦେହୁରୀ ପୂଜାର୍ଚ୍ଚନା ପରେ ଦୋଳି ଖେଳ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଜେପି ଉପସଭାପତି ଗୋପୀନାଥ ରାମ, ମୁଖ୍ୟବକ୍ତା ରାଇସୁଆଁ ବିଜେପି ମଣ୍ଡଳ ସଭାପତି ସମୀର କୁମାର ସାହୁ, ସମ୍ମାନିତ ଅତିଥି ସଦର ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ନାଏକ ଯୋଗଦେଇଥିଲେ। ମଧୁସ୍ମିତା ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳ ସମେତ ପଡ଼ୋଶୀ ରାଜ୍ୟର ଲୋକଙ୍କ ସମାଗମ ହେଉଛି। ମହିଳାମାନେ ଦୋଳି ଖେଳି ରଜ ଗୀତ ବୋଲୁଛନ୍ତି। ତିନିଦିନ ଧରି ସେଣ୍ଡକାପ ଗାଁରେ ରଜ ପାଳନ ହେଉଛି।





**ହାଟଡ଼ିହୀ:** ଓଡ଼ିଶାର ଗଣପର୍ବ ଭାବେ ରଜପର୍ବଟି ହାଟଡ଼ିହୀ ଅଞ୍ଚଳରେ ବେଶ୍ ଉତ୍ସବମୁଖର ହୋଇଉଠିଛି। ଚାଷଭିତ୍ତିକ ପର୍ବ ତଥା ଗଣପର୍ବ ଭାବେ ଏହି ରଜପର୍ବ ପାଇଁ ଚାଷୀଙ୍କ ମନରେ ଅସରନ୍ତି ଖୁସି ଓ ଆନନ୍ଦ ଭରି ଉଠିଛି। ଗ୍ରାମାଞ୍ଚଳର କୁନି କୁନି ଛୁଆଙ୍କଠାରୁ ଝିଅବୋହୂ ସମସ୍ତେ ଏହି ପର୍ବଟିକୁ ଖୁସିରେ ପାଳନ କରୁଛନ୍ତି। ଘରକୁ ଝିଅ-ଜ୍ୱାଇଁ, ନାତି-ନାତୁଣୀଙ୍କ ଆଗମନ ସତେ ଯେପରି ପାର୍ବଣକୁ ମତୁଆଲା କରିଛି। ଗାଁ ଗହଳିରେ ପୋଡ଼ପିଠାଠାରୁ ଆରମ୍ଭ କରି ନଅତିଅଣ ଛ' ଭଜା ସାଙ୍ଗକୁ ଭଳିକି ଭଳି ପିଠା ଓ ମିଠା ସହ ରଜ ପାନ ସମସ୍ତଙ୍କ ମନରେ ଖୁସି ଭରିଦେଇଛି। ହାଟଡ଼ିହୀ ବ୍ଲକର ବିଭିନ୍ନ ଗାଁ ମଧ୍ୟରେ କେ.ବାଲିପାଳ, ରାଇଘାଟି, ମୟୂରନଚା, ଜଡ଼ାବାଙ୍କ, ବଣିଆପଙ୍କ, ପଢ଼ିଆରିପଲ୍ଲୀ, ହଦଗଡ଼, ବଉଳା, ଢେଙ୍କା, ଛୁଆଳିଆ, କାଳିଆମ୍ବ, ଡ଼ଙ୍ଗାଚୁଆ, ସଢ଼ା, ସୁନ୍ଦରାପାଳ, ସୋସୋ, ମରିଗାଁ, ଓରାଳି, ବଞ୍ଚୋ, ହାଟଡ଼ିହୀ, ଅସିଆ, ପଞ୍ଚୁଗୋଛିଆ, ଆବୁଲପୁରା, ସୁଲଣ, ଆମ୍ବୋ, ରମ୍ଭାସ, ଇଶଳା, ତେମଳା, ସମଣା, ନସିରପୁର, ହାବଳେଶ୍ୱର, ଜମ୍ବରା, ଢ଼ାଇପୋଖରୀ, ମଝିଗାଁ, ରାଘବପୁର, ନୂଆଗାଁ, ଗିରିଗାଁ, ଅଣା, ପୋଡ଼ାସିଙ୍ଗିଡ଼ି ଆଦି ସ୍ଥାନରେ ବିଭିନ୍ନ ପ୍ରକାରର ଦୋଳି ଲାଗିଛି। ପିଲାଠାରୁ ଭେଣ୍ଡିଆ ଏବଂ ବୃଦ୍ଧବୃଦ୍ଧା ଦୋଳି ଖେଳି ଖୁସି ମନାଉଛନ୍ତି। ଓଡ଼ିଆ ପାରମ୍ପରିକ ରୀତିରେ ପାଳନ ହେଉଛି ଏହି ରଜପର୍ବ। ତିନିଦିନ ଧରି ଚାଲିବାକୁ ଥିବା ଏହି ପର୍ବ ପାଇଁ ଗାଁଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି।

**ଚମ୍ପୁଆ:** ଚମ୍ପୁଆ ପୁରପଲ୍ଲୀ ଅଞ୍ଚଳରେ ରଜ ପର୍ବକୁ ନେଇ ଦେଖାଦେଇଛି ଉତ୍ସାହ ଓ ଉଦ୍ଦୀପନା। ଗାଁ ଦାଣ୍ଡରେ ରଜ ଦୋଳିର ଆସର ଜମିଥିବା ବେଳେ ଯୁବକଯୁବତୀଙ୍କ ସହ ଛୋଟ ପିଲାମାନେ ମଧ୍ୟ ଦୋଳି ଖେଳି ରଜର ଭରପୂର ଆନନ୍ଦ ଉପଭୋଗ କରୁଛନ୍ତି। ଦୋଳି ନିକଟରେ ପିଲାମାନଙ୍କ ହସଖୁସିରେ ପରିବେଶ ଉତ୍ସବମୁଖର ହୋଇଉଠିଛି। ପାରମ୍ପରିକ ରଜ ପର୍ବର ଅନ୍ୟତମ ଆକର୍ଷଣ ପୋଡ଼ ପିଠାର ସୁଗନ୍ଧରେ ଘରେ ଘରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ମହିଳାମାନେ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରୁଥିବା ବେଳେ ପରିବାର ସଦସ୍ୟମାନେ ଏହାର ସ୍ୱାଦ ଉପଭୋଗ କରୁଛନ୍ତି। ଗ୍ରାମର ଖେଳପଡ଼ିଆରେ ଯୁବକ ଓ ଯୁବତୀମାନେ କ୍ରିକେଟ ଖେଳରେ ମଧ୍ୟ ମାତିଥିବା ଦେଖିବାକୁ ମିଳିଛି। ରଜ ଛୁଟିକୁ ଉପଭୋଗ କରିବା ସହ ଭାଇଚାରା, ସମ୍ପ୍ରୀତି ଓ ମନୋରଞ୍ଜନର ବାର୍ତ୍ତା ଦେଇଛି ଏହି କ୍ରୀଡ଼ା କାର୍ଯ୍ୟକ୍ରମ। ଦୋଳି, ପୋଡ଼ ପିଠା ଓ କ୍ରିକେଟ ଖେଳ ମାଧ୍ୟମରେ ପୁରପଲ୍ଲୀରେ ରଜ ପର୍ବ ଏକ ନିଆରା ମାହୋଲ ସୃଷ୍ଟି କରିଥିବା ବେଳେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ପର୍ଯ୍ୟନ୍ତ ସମସ୍ତେ ଉତ୍ସବର ଆନନ୍ଦରେ ସାମିଲ ହୋଇ ପାରମ୍ପରିକ ରଜ ପର୍ବକୁ ପାଳନ କରୁଛନ୍ତି।

**ଆନନ୍ଦପୁର:** ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତର ନରଦା ଗ୍ରାମରେ ରଜମହୋତ୍ସବ ଉଦଘାଟିତ ହୋଇଯାଇଛି। ନରଦା ରଜ କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଘସିପୁରା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ନେତା ଦେବାଶିଷ ପାତ୍ର, ସମିତିସଭ୍ୟ ବିଜୟ ଜେନା, ବିପିନ ବେହେରାଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରଜ ମହୋତ୍ସବରେ ପାରମ୍ପାରିକ ହାତତିଆରି ପଠା ଦୋଳି,ଚଉକି ଦୋଳି,ଚକ୍ରିଦୋଳି ସହ ଛୋଟ ଛୋଟ ଛୁଆଙ୍କ ପାଇଁ ମନପସନ୍ଦର ଦୋଳି ସହ ଅତ୍ୟାଧୁନିକ ଦୋଳି ଖେଳିବାକୁ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା। ନରଦା ଗ୍ରାମରେ ପାଞ୍ଚ ଦିନ ଧରି ରଜ ମହୋତ୍ସବ ଓ ରଜ ବାଟୁଆ ହେବାକୁ ଲକ୍ଷ୍ୟ ରଖିଛନ୍ତି। ନରଦା ରଜ କମିଟି ତରଫରୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାଁ ପ୍ରତିଭା, ରଜଦୋଳି ଗୀତ ପ୍ରତିଯୋଗିତା, ପୁରୁଷଙ୍କ କବାଡି ଖେଳ ପ୍ରତିଯୋଗିତାର କାର୍ଯ୍ୟକ୍ରମ ରହିଛି। ରଜ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ତୁରୁମୁଙ୍ଗା,୧୪।୬(ସମିସ):** କେନ୍ଦୁଝରଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡଳଙ୍ଗ ଗ୍ରାମର ଫକିରା ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁଦର୍ଶନ ହାତୀ (୭୬)। ସୁଦର୍ଶନ ଆଜି ଅପରାହ୍ନରେ ଗାଧୋଇବା ପାଇଁ ଗ୍ରାମର ଫକିରା ପୋଖରୀକୁ ଯାଇଥିଲେ। ଗୋଡ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ଫେରି ନଥିବାରୁ ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ପରେ ପୋଖରୀରେ ବୁଡ଼ିଯାଇଥିବା ଜାଣି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ସୁଦର୍ଶନଙ୍କ ମୃତଦେହ ଉଦ୍ଧାର କରିଥିଲେ। ତୁରୁମୁଙ୍ଗା ଥାନା ଏଏସଆଇ ସଲିମ ହୁସେନ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ୨ ବିଏଲଓ, ୨ ସୁପରଭାଇଜର ସମ୍ମାନିତ

**ଚମ୍ପୁଆ, ୧୪।୬(ସମିସ):** ରାଜ୍ୟବ୍ୟାପୀ ଚାଲିଥିବା ଏସଆଇଆର୍ କାର୍ଯ୍ୟକ୍ରମର ସଫଳ ଓ ସମୟୋପଯୋଗୀ ରୂପାୟନ ପାଇଁ ଚମ୍ପୁଆ ବ୍ଲକର ଦୁଇଜଣ ବିଏଲଓ ଓ ଦୁଇଜଣ ବିଏଲଓ ସୁପରଭାଇଜରଙ୍କୁ ଶନିବାର ବ୍ଲକ ସଭାଗୃହରେ ଆୟୋଜିତ ଏକ ସମ୍ମାନ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ ଉକ୍ତ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ୧୭୦ ନମ୍ବର ବୁଥର ବୃଷଭାନୁ ମହାନ୍ତ ଏବଂ ୨୩୨ ନମ୍ବର ବୁଥର ନଗେନ୍ଦ୍ର ନାଏକ ଏବଂ ବିଏଲଓ ସୁପରଭାଇଜର ଅମ୍ବରୀଶ କୁମାର ପ୍ରଧାନ ଓ ପ୍ରଦୀପ କୁମାର ଗିରି ସମ୍ମାନିତ ହୋଇଥିଲେ। ଏହି ଚାରିଜଣ କର୍ମଚାରୀ ଘରକୁ ଘର ବୁଲି ପରିଗଣନା ଫର୍ମ ବଣ୍ଟନ, ତଥ୍ୟ ସଂଗ୍ରହ, ଫର୍ମ ପୂରଣ ଏବଂ ଡିଜିଟାଇଜେସନ୍ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟର ପୂର୍ବରୁ ସଫଳତାର ସହ ସମାପନ କରି ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଥିଲେ। ସରକାରୀ କାର୍ଯ୍ୟ ପ୍ରତି ନିଷ୍ଠା, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧ ହିଁ ସଫଳତାର ଚାବିକାଠି ବୋଲି ଏହି ଅବସରରେ ବିଡିଓ ଶ୍ରୀ ସାହୁ କହିଥିଲେ। ଏବିଡିଓ ତୁନୁ ହାଂସଦା, ଜିପିଡିଓ ମୋନାଲିସା ନାଏକ, ସହକାରୀ ଅଧୀକ୍ଷକ ସବ୍ୟସାଚୀ ନାୟକ, ସି.ପି. ରାମଚନ୍ଦ୍ର ମାରାଣ୍ଡିଙ୍କ ସମେତ ବ୍ଲକର ବହୁ କର୍ମଚାରୀ ସମ୍ମାନିତ କର୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ୨୫ ଫୁଟ ତଳକୁ ଖସିଲା ଟ୍ରକ୍; ଡ୍ରାଇଭର ଗୁରୁତର

**ଯୋଡ଼ା, ୧୪।୬(ସମିସ):** କେନ୍ଦୁଝର ଜିଲ୍ଲା ରିମୁଳିଠାରୁ ରଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥର ଭଦ୍ରାସାହି ନିକଟ ରୋଇଡ଼ାଛକରେ ଥିବା ପୋଲରେ ଭାରସାମ୍ୟ ହରାଇ ପ୍ରାୟ ୨୫ ଫୁଟ ତଳକୁ ଏକ ଟ୍ରକ ଖସିଯିବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ରବିବାର ସକାଳ ପ୍ରାୟ ୫.୩୦ ସମୟରେ ଓଡି-୦୪-କ୍ୟୁ-୯୯୯୮ ନମ୍ବର ବିଶିଷ୍ଟ ଏକ ଟ୍ରକ ଯୋଡ଼ାପଟୁ ଭଦ୍ରାସାହି ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭରର ଆଖି ଲାଗିଯାଇଥିଲା। ଫଳରେ ଟ୍ରକଟି ଦ୍ରୁତ ଗତିରେ ପୋଲର ଡିଭାଇଡରରେ ପିଟିହୋଇ ୨୫ ଫୁଟ ତଳ ଖାଲରେ ପଡିଯାଇଥିଲା। ବଡ଼ବିଲ ପୋଲିସ, ଏନଏଚଆଇ କର୍ତ୍ତୃପକ୍ଷ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରି ଗୁରୁତର ଡ୍ରାଇଭରକୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଇଥିବା ଜଣାପଡିଛି।

## ଟୋଲଙ୍କପଡା ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର, ୧୪।୬(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଳଙ୍କପଡ଼ାସ୍ଥିତ ଜୟ ମଙ୍ଗଳା ଆଞ୍ଚଳିକ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୁରାତନ ଛାତ୍ର ସଂସଦ ତରଫରୁ ଆୟୋଜିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଜେନା ସଭାପତିତ୍ୱ କରିଥିଲେ। ସକାଳ ୯ଟାରେ ଅଜୟ ସାରଙ୍କୁ ସ୍କୁଲ ପରିସରକୁ ପାଛୋଟି ଆଣିଥିଲେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ। ସଭାରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାରାୟଣ ମହାନ୍ତି, ମୁଖ୍ୟବକ୍ତା ଭାବରେ ଭିଏନ ହାଇସ୍କୁଲ ଅବସର ପ୍ରଧାନଶିକ୍ଷକ ବନମାଳି ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ଓଷ୍ଟା କେନ୍ଦୁଝର ସମ୍ପାଦକ ରଞ୍ଜନ କୁମାର ଘଡ଼େଇ, ରାଜ୍ୟ ଓଷ୍ଟା ପୂର୍ବ ସମ୍ପାଦକ କାହ୍ନୁଚରଣ ସାମଲ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନେନ୍ଦ୍ର ଦେଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶବଚନ୍ଦ୍ର ପରିଡା, ଅନନ୍ତ ଚରଣ ଖୁଣ୍ଟିଆ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ପ୍ରଧାନଶିକ୍ଷକ ରଘୁନାଥ ମହାରଣା, ହରିଡାପାଳ ସରପଞ୍ଚ ମିନତି ମହାରଣା, ତୋଳଙ୍କପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ହାଟଡିହି ଓଷ୍ଟା ସମ୍ପାଦକ ଶିଶିର ବିଶ୍ୱାଳ, ସ୍କୁଲ କମିଟି ସଭାପତି ମନୋରଞ୍ଜନ ପଣ୍ଡା, ଆଲୁମନି କମିଟି ସମ୍ପାଦକ ମାୟାଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ଓ ତାଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ମଦନ ମୋହନ ବାରିକ ଅତିଥି ପରିଚୟ ପ୍ରଦାନ, ବୁଦ୍ଧଦେବ ପଣ୍ଡା ଧନ୍ୟବାଦ ଦେଇଥିବା ବେଳେ ପୁରାତନ ଛାତ୍ର ମାନସ ସାଉ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗୀତଗୁରୁ ସନ୍ତୋଷ ପରିଡ଼ା ଓ ଶୁଭାଶିଷଙ୍କ ସଂଯୋଜନାରେ ସ୍ୱାଗତ ଓ ବିଦାୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଛାତ୍ର, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଅନ୍ୟ ସ୍କୁଲ ତରଫରୁ ଉପଢୌକନ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଏକ ବିରାଟ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ଗ୍ରାମରେ ପରିକ୍ରମା କରାଯାଇ ସନ୍ଧ୍ୟାରେ ତାଙ୍କୁ ତାଙ୍କ ତୁବୁରୀ ବାସଭବନରେ ବିଦାୟ ଦିଆଯାଇଥିଲା। ପୁରାତନ ଛାତ୍ର ମନୋଜ ବାରିକ, ଲଲାଟେନ୍ଦୁ ସାହୁ, ସୁମନ୍ତ ସାହୁ, ଅଜୟ ସାହୁ, ଶିକ୍ଷାବିତ୍ ଶତ୍ରୁଘ୍ନ ସାହୁ, କର୍ମଚାରୀ ଭଗବାନ ପଣ୍ଡା, ଶୁକଦେବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




ମଉଳିଲା ରଜ ଖୁସି

## ଶୋକରେ ବୁଡ଼ାଇଲା ଯୁବତୀଙ୍କ ମୃତ୍ୟୁ

**ଯୋଡ଼ା, ୧୪।୬(ସମିସ):** ରଜ ପର୍ବ ପାଇଁ ସଜବାଜ ଓ ଉତ୍ସବର ମାହୋଲ ଥିବା ବେଳେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅଧୀନ ଗୁଆଳି ପଞ୍ଚାୟତର କେନ୍ଦୁଡ଼ିହି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଯୁବତୀ ମିତାରାଣୀ ନାଏକ (୨୫)ଙ୍କ ମୃତ୍ୟୁ ଖବର ପରିବାର ଓ ସ୍ଥାନୀୟ ଅଞ୍ଚଳକୁ ଶୋକାକୁଳ କରିଦେଇଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ମିତାରାଣୀ ନିଜ ଘରେ ଝୁଲନ୍ତା ଅବସ୍ଥାରେ ମିଳିଥିଲେ। ପରିବାର ଲୋକେ ଘଟଣା ଦେଖିବା ପରେ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ରୁଗୁଡି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ରଜ ପର୍ବକୁ ନେଇ ଘରେ ଘରେ ଖୁସିର ପ୍ରସ୍ତୁତି ଚାଲିଥିବା ବେଳେ ଏହି ଘଟଣା ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ମୃତ୍ୟୁର କାରଣ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବିଶ୍ୱ ରକ୍ତଦାତା ଦିବସ

## ସମ୍ବର୍ଦ୍ଧନା ସମାରୋହ ଓ ସଚେତନତା ଅଭିଯାନ

**କେନ୍ଦୁଝର, ୧୪।୬(ସମିସ):** କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ବିଶ୍ୱ ରକ୍ତଦାତା ଦିବସ ସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ରକ୍ତକେନ୍ଦ୍ରରେ ଆୟୋଜିତ ଉତ୍ସବରେ ଜିଲ୍ଲା ରେଡ଼କ୍ରସ ଯୁଗ୍ମସମ୍ପାଦକ ଏ ଆର ଖାନ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠି ମୁଖ୍ୟଅତିଥି, ଏ ଡି ଏ ମ ଓ ମେଡିକାଲ ଡାକ୍ତର ପିକେ ମିଶ୍ର ସମ୍ମାନିତ ଅତିଥି, ଡିପିଏମ ଡାକ୍ତର ନିତ୍ୟରଞ୍ଜନ ବରାଳ ମୁଖ୍ୟବକ୍ତା, ଡିପିଏଚସିଓ ଭରତ ସାହୁ, ରକ୍ତକେନ୍ଦ୍ର ଅଧିକାରୀ ମନୁମଙ୍ଗତ ମାରାଣ୍ଡି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହେବା ସହିତ ଅତିଥିବୃନ୍ଦ ରକ୍ତଦାତା, ରକ୍ତଦାନ ଶିବିର ଆୟୋଜକ, ପୃଷ୍ଠପୋଷକଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ରକ୍ତଦାନ ସଚେତନତା ରଥକୁ ମୁଖ୍ୟଅତିଥି ଉଦଘାଟନ କରିବା ପରେ ଏହା ସହର ପରିକ୍ରମା କରିଥିଲା। ରକ୍ତକେନ୍ଦ୍ର ଲୋକସମ୍ପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୃନ୍ଦାବନ ସାହୁ, ସରୋଜ ପଣ୍ଡା, ଗୌରୀଶଙ୍କର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



## ବିଶ୍ୱନାଥ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ



**ଆନନ୍ଦପୁର, ୧୪।୬ (ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ଯୁବନେତା ବିଶ୍ୱନାଥ ପ୍ରତାପ ଜେନାଙ୍କୁ କେନ୍ଦୁଝର ଜିଲ୍ଲା ବିଜେପି କୃଷ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅନୁମୋଦନକ୍ରମେ ଜିଲ୍ଲା ସଭାପତି ସୁନୀଲ କୁମାର ମହାନ୍ତ ମହାନ୍ତ ଏହି ଘୋଷଣା କରିଛନ୍ତି। ବିଶ୍ୱନାଥଙ୍କୁ ଏହି ଦାୟିତ୍ୱ ମିଳିବା ପରେ ଆନନ୍ଦପୁର ନିର୍ବାଚନମଣ୍ଡଳୀର ଯୁବ ସମର୍ଥକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସେ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଶୁଭ୍ରାଂଶୁ ଶେଖର ପାଢ଼ୀ, ଶୁକଦେବ ମହାନ୍ତ, ସାଂସଦ ଅନନ୍ତ ନାୟକ, ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ବରିଷ୍ଠ ନେତା ଭଗବାନ ସାହୁ, ଆଲୋକ ସେଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିର୍ବାଚନମଣ୍ଡଳୀର କୃଷକ ଭାଇମାନେ କିଭଳି ସରକାରଙ୍କ ସମସ୍ତ ଯୋଜନାରେ ସାମିଲ ହେବେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଶ୍ରୀ ଜେନା କହିଛନ୍ତି।

ସକାଳ THE SAKALA



www.sakalaepaper.com

# ‘ରଜ ହେଉଛି ମା’ ମାଟି ଓ ନାରୀ ସମ୍ମାନର ପର୍ବ’

ବାଲେଶ୍ୱର,୧୪।୬(ସମିସ)

ଆଜିଥିଲା ପହିଲି ରଜ। ଏହି ପହିଲି ରଜରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠିଛି। ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ଯୁବତୀମାନେ ନୂଆ ସାର୍ଟ ପିନ୍ଧିବା ସହ ସଜ ହୋଇ ପହିଲି ରଜକୁ ପାଳିଛନ୍ତି। ଆଗରୁ ରଜରେ ଦୋଳି ସାଙ୍ଗକୁ କବାଡି ଖେଳ ଠାରୁ ଆରମ୍ଭ କରି ପୁଚି ଖେଳ ମଧ୍ୟ ହେଉଥିଲା। ରଜ ତିନି ଦିନ ବେଶ ଧୁମଧାମରେ ପାଳନ ହେଉଥିଲା। ହେଲେ ଏବେ ସେଇ ସବୁ ବହୁ ଦୂରକୁ ଚାଲିଯାଇଛି। ହେଲେ ବାଲେଶ୍ୱର ସହର ଖାନନଗର ସମେତ ବିଭିନ୍ନ ସ୍ଥାନରେ ଦୋଳି ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏଠାରେ ପିଠାପଣା ସାଙ୍ଗକୁ ପୁଚି ଖେଳ, ଦୋଳି ଆଦି ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଛି। ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ବଡ ପିଲାମାନେ ମଧ୍ୟ ଏହି ଦୋଳିର ମଜା ନେଉଥିବା ଦେଖିବାକୁ ମିଳୁଛି।



ଏହି ରଜ ପର୍ବ ପାଇଁ ବାଲେଶ୍ୱର ସହରର ଫାଣ୍ଡିଛକ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏବେ ଜନସମାଗମ ହୋଇଛି। ଖାଲି ପାନ ସାଙ୍ଗକୁ ଦୋଳି ଖେଳ, ପିଠାପଣାରେ ପ୍ରତିଟି ଓଡ଼ିଆ ପରିବାର ଆନନ୍ଦ ଉଲ୍ଲାସ ଭରିଯାଇଛି। ସେହିପରି ବିଭିନ୍ନ ଦୋକାନ ବଜାରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଛି। ଫାଣ୍ଡିଛକରେ ଫଳ ଦୋକାନ ଗୁଡିକରେ ଭିଡ଼ ଲାଗି ରହିଥିବା ବେଳେ ରଜ ପାନ ପାଇଁ ପାନ ଦୋକାନରେ ଲୋକମାନଙ୍କର ମଧ୍ୟ ବେଶ ଆଗ୍ରହ ଦେଖିବାକୁ ମିଳିଛି। ବିଶେଷ କରି ସହର ବିଭିନ୍ନ ପାନ ଦୋକାନ ଗୁଡିକରେ ବିଭିନ୍ନ ପ୍ରକାରର ରଜ ପାନ ପ୍ରସ୍ତୁତ କରାଯାଉଛି। ରଜ ପର୍ବ ତିନି ଦିନ ହୋଇଥିବାରୁ ପାନ ଖାଇବା ପାଇଁ ଲୋକାମାନଙ୍କର ସମାଗମ ଅଧିକ ହୋଇଛି। ଚଳିତ ବର୍ଷ ଦୋକାନୀମାନେ ୧୦ ଟଙ୍କାରୁ ଆରମ୍ଭ କରି ଶହେ ଟଙ୍କା ପର୍ଯ୍ୟନ୍ତ ପାନର ମୂଲ୍ୟ ରଖିଛନ୍ତି। ରଜ ସ୍ପେଶାଲ ପାନ ମଧ୍ୟରେ ବିଶେଷ କରି ଅରେଞ୍ଜ ଫ୍ଲେଭର, ମ୍ୟାଙ୍ଗୋ ଫ୍ଲେଭର, କେସର, କସ୍ତୁରୀ, ସେର୍ଫେନ ଫ୍ଲେଭର ଆଦି ୨୫ ପ୍ରକାର ପାନ ମିଳୁଛି।

## ସେମାନଙ୍କ ମତରେ...

ରଜ ହେଉଛି ଓଡ଼ିଆଙ୍କ ମୁଖ୍ୟ ପର୍ବ। ପହିଲି ରଜ ଠାରୁ ଆରମ୍ଭ କରି ଶେଷ ରଜ ପର୍ଯ୍ୟନ୍ତ ଦୋକାନ ଗୁଡିକରେ ରଜ ପାନ ଖାଇବା ପାଇଁ ବେଶ ଭିଡ ଲାଗି ରହିଥାଏ। ବିଶେଷ କରି ରଜରେ ରସଗୋଲା ପାନ ଠାରୁ ଆରମ୍ଭ କରି ଫାୟାର ପାନ, ମିଂଟ, କସ୍ତୁରୀ, ଦିୱାନା ପାନ ଆଦି ୨୫ପ୍ରକାର ପାନ ମିଳୁଛି। ଏହି ପାନ ୧୦ଟଙ୍କାରୁ ଆରମ୍ଭ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ବେପାର ହେବାର ଆଶା ରହିଛି।

ସନ୍ତୋଷ କୁମାର ଉପାଧ୍ୟାୟ, ପାନ ଦୋକାନୀ

ରଜ ପାଇଁ ଦୋକାନ ବହୁତ ଭିଡ଼ ରହୁଛି। ରଜ ଲୋକମାନଙ୍କୁ ଦେବାକୁ ପଡ଼ୁଛି। ବିଶେଷ କରି ଗୋଟିଏ ସାଦା ପାନରେ ୧୫ରୁ ୨୦ ପ୍ରକାର ମସଲା ପଡୁଥିବାରୁ ପାନ ପ୍ରସ୍ତୁତ କରିବା ପାଇଁ ଅଧିକ ସମୟ ଲାଗୁଛି। ଏହି ରଜ ପାନରେ ଷ୍ଟାର ସମଲା ଠାରୁ ଆରମ୍ଭ କରି ଗ୍ଲୁକୋଜ, ଚେରି ଆଦି ବିଭିନ୍ନ ପ୍ରକାର ମସଲା ଦିଆଯାଉଛି।

ଜିତେନ୍ଦ୍ର ରାଉତ,ପାନ ଦୋକାନ କର୍ମଚାରୀ

### ୨୪ ନମ୍ବର ୱାର୍ଡ

ବାଲେଶ୍ୱର ପୌରପରିଷଦ ଅନ୍ତର୍ଗତ ୨୪ ନଂ ୱାର୍ଡରେ ପାଳିତ ହୋଇଛି ରଜପର୍ବ। ସ୍ଥାନୀୟ କାଉନସିଲର ମୀନା ମହାନ୍ତିଙ୍କ ତତ୍ତ୍ୱାବଧାନରେ



ଆୟୋଜିତ ଉତ୍ସବରେ ୨୪ ନଂ ୱାର୍ଡର ସମସ୍ତ ମହିଳାମାନେ ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ରଜ ପର୍ବକୁ ଉପଭୋଗ କରିଥିଲେ। ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ରଜ ଦୋଳିର ମଜା ନେଇଥିଲେ। ଏହା ସହିତ ପାରମ୍ପରିକ ରଜ ପିଠା, ପାନ ଓ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନର ଆସର ଜମିଥିଲା। ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ରଜ ଗୀତର ଗୁଞ୍ଜରଣ ସହ ପାନଖିଆ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ପରିବେଶକୁ ବେଶ୍ ଉତ୍ସବମୁଖର କରିଥିଲା। କାଉନସିଲର ଶ୍ରୀମତୀ ମହାନ୍ତି ସମସ୍ତଙ୍କୁ ରଜ ପର୍ବର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ, “ରଜ ହେଉଛି ଆମ ମାଟି, ମା’ ଏବଂ ନାରୀ ସଂସ୍କୃତିର ସମ୍ମାନ ପର୍ବ। ଏହିପରି ସାମୂହିକ ଉତ୍ସବ ଆମ ୱାର୍ଡବାସୀଙ୍କ ମଧ୍ୟରେ ଭାଇଚାରା, ଏକତା ଓ ଆତୀୟତାକୁ ଆହୁରି ସୁଦୃଢ଼ କରିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ୱାର୍ଡର ସମସ୍ତ ମହିଳା ଓ ସ୍ଥାନୀୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

### ଚାନ୍ଦିପୁର ପାନ୍ଥନିବାସ

ବାଲେଶ୍ୱର: ରଜ ପାଇଁ ସାରା ଓଡ଼ିଶା ଉତ୍ସବ ମୁଖର। ବିଶେଷ କରି ଏହା କୁଆଁରିମାନଙ୍କ ପର୍ବ ହୋଇଥିବାରୁ କୁନି କୁନି ଝିଅଠୁ ଆରମ୍ଭ କରି ସବୁ ବୟସର ଝିଅମାନେ ସଜବାଜ ହୋଇ ମଉଜ କରୁଛନ୍ତି। ନୂଆ ଡ୍ରେସ୍ ପିନ୍ଧି ହାତରେ ମେହେନ୍ଦି, ପାଦରେ ଅଳତା, ମୁଣ୍ଡରେ ଚନ୍ଦନ ଟିପା ଲଗାଇ ଝିଅମାନେ ପାନ ଖାଇ ରଜ ପାଳୁଛନ୍ତି। ଗାଁଠୁ ସହର ପର୍ଯ୍ୟନ୍ତ ଆମ୍ବ ତୋଟା, ପାର୍କ ଓ ପାନ୍ଥନିବାସରେ ଦୋଳି ବନ୍ଧା ହୋଇଛି। ସକାଳୁ ସକାଳୁ ଝିଅମାନେ ଦଳ ଦଳ ହୋଇ ଦୋଳି ଖେଳିବାକୁ ବାହାରୁଛନ୍ତି। ରଜ ପର୍ବ ଉପଲକ୍ଷେ ଚାନ୍ଦିପୁର ପାନ୍ଥନିବାସରେ ଆଜିଠୁ ତିନି ଦିନିଆ ରଜ ମହୋତ୍ସବ ଉଦଘାଟିତ ହୋଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ସ୍ୱତନ୍ତ୍ର ପିଠା ଷ୍ଟଲ୍ ଓ ରଜ ଦୋଳିର ପସରା ମେଲିଛି। ପାନ୍ଥନିବାସ ମ୍ୟାନେଜର ପ୍ରଶାନ୍ତ କୁମାର ଲେଙ୍କାଙ୍କ ନେତୃତ୍ୱରେ ପହିଲି ରଜ ଦିନ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଓ ପାନ୍ଥନିବାସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରଜ ଦୋଳି



ଉଦଘାଟନ ପରେ କୁନି ଝିଅଙ୍କଠୁ ଆରମ୍ଭ କରି ମହିଳାମାନେ ଦୋଳି ଖେଳି ସେଲଫି ଉଠାଇ ମଉଜ କରିଛନ୍ତି। ରଜ ପାଇଁ ସ୍ୱତନ୍ତ୍ର ଭାବେ ପୋଡ଼ପିଠା, ଆରିସା, କାକରା, ଛେନା ମଣ୍ଡା, ସିଝା ମଣ୍ଡା ଓ ସ୍ୱତନ୍ତ୍ର ରଜ ପାନ ଷ୍ଟଲ୍ କରାଯାଇଛି। ଏଥର ନୂଆ ଆକର୍ଷଣ ହେଉଛି ମାଣ୍ଡିଆ ମଣ୍ଡା। ଏସବୁର ମୂଲ୍ୟ ୧୦ ଟଙ୍କାରୁ ୩୦ ଟଙ୍କା ମଧ୍ୟରେ ରଖାଯାଇଛି। ପହିଲି ରଜ ଦିନ ୨୦ରୁ ଅଧିକ ଝିଅ ଓ ପର୍ଯ୍ୟଟକ ପିଠା ଖାଇବା ସହ ଦୋଳିର ମଜା ନେଇଥିଲେ। ମ୍ୟାନେଜର ପ୍ରଶାନ୍ତ କୁମାର ଲେଙ୍କା କହିଛନ୍ତି, ‘ପାନ୍ଥନିବାସର ଗାଁ ପରିବେଶରେ ରଜ ପାଳନ ପାଇଁ ଆମେ ପ୍ରତିବର୍ଷ ତିନି ଦିନ ଏହି ଉତ୍ସବ କରୁ। ନିକଟରେ ବିଶାଳ ସମୁଦ୍ର ଥିବାରୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଏହାର ମଜା ନିଅନ୍ତି। ଆଗରୁ ଆମ୍ବ ତୋଟାରେ ଦୋଳି ହେଉଥିଲା, ଏବେ ସେହି ଅନୁଭବ ପାନ୍ଥନିବାସରେ ମିଳୁଛି।’

### ସାଇବାବାଙ୍କ ମନ୍ଦିର ପରିସରରେ ରଜପର୍ବ

ବାଲେଶ୍ୱର ହସ ପରିବାର ଆନୁକୂଲ୍ୟରେ ଶ୍ରୀ ବିହାର ସ୍ଥିତ ସିରିଡି ସାଇବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ରଜ ପର୍ବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଅନୀଲ କୁମାର ପଟ୍ଟନାୟକ ଉତ୍ସବକୁ ଆନୁଷ୍ଠାନିକ



ଭାବେ ଉଦଘାଟନ କରିଥିବା ବେଳେ ଉପଦେଷ୍ଟା ବଟକୃଷ୍ଣ ମିଶ୍ର ଉତ୍ସବର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରାୟ ୭୦ ସଦସ୍ୟ ସଦସ୍ୟା ଏବଂ କଲୋନୀର କର୍ମକର୍ତ୍ତା ମିଳିତ ତାସ ଖେଳ ଇତ୍ୟାଦିର ଭାଗ ନେଇଥିଲେ। ପରେ ପାରମ୍ପରିକ ରଜ ଖାଦ୍ୟ ମିଠା, ପିଠା, ବିଭିନ୍ନ ଫଳ, ଦହିବରାର ମଜା ନେବା ସଙ୍ଗେ ସଙ୍ଗେ ଆଗାମୀ ବର୍ଷରେ ଏହାକୁ ଅଧିକ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା ତଥା ସଫଳ ରୂପାୟନରେ ପରିବାରର ସମସ୍ତ କାର୍ଯ୍ୟକର୍ତ୍ତା, ବରିଷ୍ଠ ସଦସ୍ୟ ଅଟଳ ବିହାରୀ ଦାସ, ସତ୍ୟ ରଞ୍ଜନ ରାଉତ, ଶରତ ଚନ୍ଦ୍ର ମହାପାତ୍ର, ଧରିତ୍ରୀ ମିଶ୍ର, ନୀଳମଣି ମଣ୍ଡଳ, ଦିନବନ୍ଧୁ ଦାସ, ପ୍ରଭାତ କୁମାର ଜେନା, ପଙ୍କଜ ଚରଣ ସାମଲ ଏବଂ ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ସାହିତ୍ୟ ଆଲୋଚନା

ଜଳେଶ୍ୱର ବ୍ଲକ୍/ ଜଳେଶ୍ୱର, ୧୪।୬(ସମିସ): ଓଡ଼ିଆ ଆଧୁନିକ ସାହିତ୍ୟର ଜନକ ବିଶିଷ୍ଟ କଥାକାର ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସରେ ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ ମୁଣ୍ଡୁଣିଆ ଆନୁକୂଲ୍ୟରେ ଫକୀରମୋହନଙ୍କ ସାହିତ୍ୟ ଉପରେ ଏକ ଆଲୋଚନା ସଭା ଶାନ୍ତିଆ ଗାନ୍ଧୀ ସେବାଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶିକ୍ଷାବିତ ଇନ୍ଦୁ ମାଧବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ ଫକୀରମୋହନ ସେନାପତିଙ୍କ ସାହିତ୍ୟ ସୃଷ୍ଟି କେମିତି ଆଜି ମଧ୍ୟ ପ୍ରାସଙ୍ଗିକ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ସମସ୍ତ ଗାଳ୍ପିକ,କବି, ପ୍ରାବନ୍ଧିକ ନିଜ ନିଜ ବକ୍ତବ୍ୟରେ କହିଥିଲେ ଉପନ୍ୟାସ ଛ’ମାଣ ଆଠଗୁଣ୍ଠ, ମାମୁଁ, ଲଛମା ହେଉ ଅଥବା ଗଳ୍ପ ରେବତୀ, ଡାକ ମୁନସୀ, ପେଟେଣ୍ଟ ମେଡିସିନ ମାଧ୍ୟମରେ ସାମାଜିକ ଚିତ୍ରକୁ ଏଭଳି ନିଖୁଣ ଭାବରେ ତୋଳି ଧରିଛନ୍ତି ତାହା ଚିରକାଳ ଜୀବନ୍ତ ହୋଇ ରହିଥିବ। ତାଙ୍କର ପ୍ରତ୍ୟେକଟି ସୃଷ୍ଟି ସମାଜ ସଂସ୍କାର ପାଇଁ ଉଦ୍ଦିଷ୍ଟ। ଏହି ସଭାରେ ଗାଳ୍ପିକ ସୀତାଂଶୁ ସେନାପତି, ପ୍ରଧାପକ ଜୀତାରାମ ଦେ, ସମାଜସେବୀ ଦିଲ୍ଲୀପ କୁମାର ଗିରି, କବି ବସନ୍ତ ଦାସ, ଆଦର୍ଶ ଶିକ୍ଷକ ସୁଶାନ୍ତ ଦାସ, ରବିନ୍ଦ୍ର ବାରିକ, ପ୍ରଶାନ୍ତ ପାତ୍ର,



ଜ୍ଞାନେନ୍ଦ୍ର ଜେନା, ସତ୍ୟବ୍ରତ ଶତପଥୀ, ପଲ୍ଟୁ ଦାସ, ଶ୍ରୀମନ୍ତ ଘୋଷ, ନିତ୍ୟାନନ୍ଦ ଦାସ, ଜଳନ୍ଧର ଭଞ୍ଜ, ସାମ୍ବାଦିକ ସୁଶାନ୍ତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ବ୍ୟାସକବିଙ୍କ ସାହିତ୍ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ଫକୀର ମୋହନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ

● ଜଳେଶ୍ୱରରେ ‘ଭାଷା ସାହିତ୍ୟ ବିକାଶ ପରିଷଦ’ ଉଦ୍‌ଘାଟିତ

# ‘ଭାଷା ପ୍ରତି ଅନୁରାଗ କମିବା ବିଡ଼ମ୍ବନା’



ଜଳେଶ୍ୱର ବ୍ଲକ୍/ଜଳେଶ୍ୱର/କାଳିପଦା, ୧୪।୬ (ସମିସ): ଭାଷା ହିଁ ଗୋଟିଏ ଜାତିର ନିଜସ୍ୱ ପରିଚୟ, ଭାଷା ବିନା ଗୋଟିଏ ଜାତିର ମହତ୍ୱ କେବେ ପ୍ରକାଶ ପାଏ ନାହିଁ। ମାତ୍ର ସାମ୍ପ୍ରତିକ ଯୁବ ସମାଜ ଭାଷା ସାହିତ୍ୟ ପ୍ରତି ରୁଚି ନ ରଖିବା ଓ ଭାଷା ପ୍ରତି ଅନୁରାଗ କମିବା ବିଡ଼ମ୍ବନା ବୋଲି ରବିବାର ଜଳେଶ୍ୱର ସହର ଜଗନ୍ନାଥ ଡିଗ୍ରୀ କଲେଜ ସଭା ଗୃହରେ “ଭାଷା ସାହିତ୍ୟ ବିକାଶ ପରିଷଦର ଶୁଭ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନବଗଠିତ ଏହି ପରିଷଦର ସଭାପତି ଡ. ସୁକାନ୍ତ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାରସ୍ୱତ ସାଧକ ପ୍ରଧାପକ ସୁଧାଂଶୁ ଶେଖର ପ୍ରଧାନ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶବ୍ଦବ୍ରହ୍ମ ପତ୍ରିକାର ସମ୍ପାଦକ ତଥା ଗୌଡିୟ ବୈଷ୍ଣବ ଧର୍ମର କଥା ବାଚକ ଡ଼ଃ ରସିକା ନନ୍ଦ ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ, ଶିଶୁ ସାହିତ୍ୟିକ ପୂର୍ଣ୍ଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ଆବାହକ ଅଧ୍ୟାପକ ଦେବବ୍ରତ ପ୍ରଧାନ ମଞ୍ଚ ଆବାହନ, ଅତିଥି ପରିଚୟ, ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ମହାନ୍ତି ସ୍ୱାଗତ ଭାଷଣ, ପରିଷଦର ସମ୍ପାଦକ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା ପ୍ରାକ୍ ବିବରଣୀ ପାଠ କରିଥିଲେ। ଆଲୋକ ଜାନା ଓ ତାଙ୍କ ସହଯୋଗୀମାନେ ବାଣୀ ବନ୍ଦନା ତଥା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଶବ୍ଦ କୁଞ୍ଜ ସମ୍ପାଦକ କାର୍ତ୍ତିକ ସେଠୀ, ରମେଶ ଚନ୍ଦ୍ର ନାୟକ, ସୁଶୀଳ ମାହାନା, ଜୟନ୍ତୀ ବେହେରା, ପ୍ରଶାନ୍ତ ଜେନା, କମଳ କାମିନୀ ଦେ, କାର୍ତ୍ତିକ ସେଠୀ, ସିଦ୍ଧେଶ୍ୱର ପଣ୍ଡା, ଡ. ମୋନାଲିସା ଚାନ୍ଦ, ରଞ୍ଜୁ ରାଣୀ ସାହୁ, ପ୍ରଦୀପ ଦାସ, ସୁଶାନ୍ତ ଦାସ, ସୁଧୀର କର, ଇନ୍ଦୁମତୀ ଗିରି, ଦେବୀ ଦତ୍ତା ବାରିକ, ମନୋଜ ମହାନ୍ତି, ସ୍ୱର୍ଣ୍ଣଲତା ସେଠୀ, ଅଧ୍ୟକ୍ଷା ଅଞ୍ଜଳି ଚକ୍ରବର୍ତ୍ତୀ, ସତ୍ୟବ୍ରତ ପ୍ରଧାନ, ରବି ନାରାୟଣ ପାତ୍ର, ଭୂପତି ପରିଡ଼ା, ସତ୍ୟ ସାଧନା ଗିରି, ସୁକୁମାର ରଣା ପ୍ରମୁଖ ଯୋଗ ଦେଇଥିଲେ। ସୁଷମା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀହରି ମଣ୍ଡଳ, ସେକ ନିମାଜୀ, ବିମଳା ବେହେରା, ମଧୁସ୍ମିତା ସିଂ, ବ୍ରଜ କିଶୋର ମଲ୍ଲିକ, ପ୍ରଶାନ୍ତ ଦାସ, ଶିବ ଶଙ୍କର ଦାସ

# ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ

ଜଳେଶ୍ୱର ବ୍ଲକ,୧୪।୬(ସମିସ): ଜଳେଶ୍ୱର ବିଜେପି ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଛି। ଉତ୍ତର ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଆଇନଜୀବୀ ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ସ୍ୱଚ୍ଛଭାରତ ଅଭିଯାନରେ ଜଳେଶ୍ୱର ବ୍ଲକ ପରିସରରେ



ଥିବା ବ୍ୟାସକବିଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଳେଶ୍ୱରର ବିଡିଓ ଗୌରାଙ୍ଗ ଘୋଷ, ନଗର ମଣ୍ଡଳ ସଭାପତି ଶିବନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ସମର କରଣ, ବରେନ୍ଦ୍ର ପରିଡ଼ା, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦୁମତୀ ଗିରି, ଜିଲ୍ଲା ସମ୍ପାଦିକା ଦେବଜାନୀ ଅଣ୍ଡିଆ, ମଞ୍ଜୁଲିକା ଘୋଷ, ମାଳତୀ ଦତ୍ତ, ସୁମତି ରଣା, ସୁକୁମାର ରଣା, ଅନନ୍ତ ଦାସ, ଅଞ୍ଜନ ଦାସ, ଅନୁପ ରାଜ, ରଞ୍ଜିତ ପାତ୍ର, ରଞ୍ଜନ ପାଲ, କାଶୀରାମ ପାଲ, ରଞ୍ଜନ ପାତ୍ର, ରାମକୃଷ୍ଣ ମାଝୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଓ ଯୁବମୋର୍ଚ୍ଚା ଭାଇମାନେ ଉପସ୍ଥିତ ଥିଲେ।

# ସରକାରଙ୍କ ବିଫଳତା ନେଇ ବର୍ଷିଲା କଂଗ୍ରେସ



ଜଳେଶ୍ୱର ବ୍ଲକ,୧୪।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଏବଂ ବିଫଳତା ବିରୋଧରେ ବର୍ଷିଛି ଜଳେଶ୍ୱର ବ୍ଲକ କଂଗ୍ରେସ କମିଟି। କମିଟିର ସଭାପତି ହେମନ୍ତ କୁମାର ଗିରି ଓ ନଗର କଂଗ୍ରେସ କମିଟି ସଭାପତି ଜଗଦୀଶ ନନ୍ଦୀଙ୍କ ମିଳିତ ସଭାପତିତ୍ୱରେ ଜଳେଶ୍ୱର ନୂଆ ବଜାରସ୍ଥିତ ଭଞ୍ଜ ଭବନ ପ୍ରେକ୍ଷାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ୧୨ ବର୍ଷର ବିଜେପି ସରକାର ଏବଂ ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଜନସମସ୍ୟା ଓ ବିଫଳତାକୁ ସାଧାରଣ ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଦଳ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତ୍ରିଲୋଚନ ଦାସ, ସୌଭିକ ଜେନା, ଦୁର୍ଗାଶଙ୍କର ଆସ, କମଳ ରାଥୁର, ରାଜେଶ ପ୍ରଧାନ, ନରହରି ରାଉତ, ସୁସ୍ମିତା ମୁର୍ମୁ, ରାଧାରାଣୀ ପାତ୍ର, ସୁଦାମ ପାତ୍ର, ବିଭୂରେନ୍ଦ୍ର ଦେ, ପଦ୍ମଲୋଚନ ବେହେରା, ଅଫସର ଅଲ୍ଲୀଙ୍କ ସହ ଜଳେଶ୍ୱର ଅଞ୍ଚଳର ସମସ୍ତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗ ଦେଇଥିଲେ।

# ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ସିମୁଳିଆ,୧୪।୬(ସମିସ): ରାତି ପାହିଥିଲେ ପାଳିଥାନ୍ତେ ରଜପର୍ବ। ହେଲେ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ। ବିଷପାନ କରି ଆତ୍ମହତ୍ୟା କରିଛନ୍ତି ଜଣେ ଯୁବକ। ପ୍ରେମର କରୁଣ ପରିଣତିରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି। ମୃତକ ହେଲେ ସିମୁଳିଆ ଥାନା ବାଙ୍ଗରଖଡ଼ିଗଡିଆ ପଞ୍ଚାୟତର ଗୌଡ଼ଦିଆ ଗ୍ରାମର ସୀତାରାମ ସାହୁଙ୍କ ପୁଅ ସପନ କୁମାର ସାହୁ (୪୧)। ପୂର୍ବରୁ ସେ ପ୍ରେମ ବିବାହ କରିଥିଲେ। କିଛି ମାସ ହେବ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଞ୍ଚଳର ଜୈନିକା ଯୁବତୀ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ପୁରୀ ଯାଇଥିଲେ। ସେଠାରେ ଥାଇ ଦୁହିଁଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କ ବିଷୟରେ କହି ବିବାହ ନିମନ୍ତେ ଉଭୟଙ୍କ ପରିବାର ଠୁଁ ସ୍ୱୀକୃତି ମାଗିଥିଲେ। ମାତ୍ର ଉଭୟଙ୍କ ପରିବାର ଲୋକେ ଏ ବାବଦରେ ଦୁହିଁଙ୍କୁ ବୁଝାସୁଝା କରିଥିଲେ। ତେଣୁ ଏହି ସମ୍ପର୍କକୁ କେହି ସ୍ୱୀକୃତି ଦେବେନାହିଁ ଭାବି ପୁରୀରେ ଏକ ହୋଟେଲରେ ଏକା ସାଙ୍ଗରେ ବିଷପାନ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପୁରୀ ପରେ ଭୁବନେଶ୍ୱରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଅଧିକ ଗୁରୁତର ହେବାରୁ କଟକରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଯୁବତୀ ଜଣଙ୍କ ବୁଧବାର ପ୍ରାଣ ହରାଇଥିବାବେଳେ ଶୁକ୍ରବାର ସପନଙ୍କ ମୃତ୍ୟୁ ହୋଇଛି। ଆଜି ସପନଙ୍କ ମୃତଦେହ ତାଙ୍କ ଗାଁ ଗୌଡ଼ଦିଆକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଚାମେଲିଙ୍କ ପ୍ରତି ଅତ୍ୟାଚାରର ପ୍ରତିବାଦ

# ଆଶୁ ଆରୋଗ୍ୟ କାମନା କରି ମନ୍ଦିରରେ ପୂଜାର୍ଚ୍ଚନା

ବାଲେଶ୍ୱର,୧୪।୬(ସମିସ)

ଜିଲ୍ଲାରୁ ଜିଲ୍ଲା ଡେଉଁଛି ଚାମେଲିଙ୍କ ପ୍ରତି ଅନ୍ୟାୟ ପ୍ରତିବାଦ। ପୋଲିସ ଓ ବିଡିଓଙ୍କୁ ନିନ୍ଦା। ଚାମେଲିଙ୍କ ପ୍ରତି ବଢୁଛି ସାଧାରଣ ଜନତାଙ୍କ ସମର୍ଥନ। କେନ୍ଦ୍ରାପଡ଼ା ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ମିଛି କେସରେ ଜେଲରେ ପୂରାଇବା ଓ ତାଙ୍କୁ ଅକଥନୀୟ ଅତ୍ୟାଚାର କରିବା ପ୍ରତିବାଦ କେବଳ କେନ୍ଦ୍ରାପଡାରେ ସମିତ ହୋଇ ରହିନାହିଁ। ପ୍ରତିବାଦ ବାଲେଶ୍ୱରରେ ମଧ୍ୟ ଆରମ୍ଭ ହୋଇଛି। ସଦର ବ୍ଲକ୍ ଆଳଦିଆ ଗ୍ରାମରେ ଜନସାଧାରଣ



ଚାମେଲି ସପକ୍ଷରେ ବାହାରିଛନ୍ତି। ଜଣେ ସଚ୍ଚୋଟ ସରପଞ୍ଚ ପଞ୍ଚାୟତ ସମସ୍ୟା ନେଇ ବିଡିଓ ପାଖକୁ ଯାଇଥିବାବେଳେ ବିଡିଓଙ୍କ ସହିତ କଥା କଟାକଟି ଭିଡିଓ ନିଜ ମୋବାଇଲରେ ଉଠାଇବା ପାଇଁ ଚେଷ୍ଟା କରିଥିଲେ ସରପଞ୍ଚ ଚାମେଲି। ଏହା ପରେ ଆରମ୍ଭ ହୋଇଥିଲା ବିବାଦ। ମହିଳା ସରପଞ୍ଚଙ୍କ ମୋବାଇଲ ଛଡ଼ାଇବା ପାଇଁ ପ୍ରୟାସ କରାଯାଇଥିଲା। ତାଙ୍କୁ ଥାନାକୁ ନିଆଯାଇଥିଲା ଓ ମାଡ଼ ମରାଯାଇଥିଲା। ଉଭୟ ପୁଲିସ ଓ ବିଡିଓଙ୍କ ପକ୍ଷରୁ ମିଛ କେସ ଦିଆଯାଇ ଜେଲ ପଠାଯାଇଥିଲା। ଚାମେଲିଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ମେଡିକାଲରେ ବେଡ୍ ଦେବା ପରିବର୍ତ୍ତେ ତଳେ ଶୁଆଇ ଦେଇ ଚିକିତ୍ସା କରାଯାଇଥିଲା।

### ନ୍ୟାୟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ପରେ ତାଙ୍କୁ ବେଡ୍ ଦିଆଯାଇଥିଲା। ଏହି ଘଟଣାରେ ବିଡିଓ ଓ ପୁଲିସର କାର୍ଯ୍ୟକୁ ଘୋର ନିନ୍ଦା କରିବା ସହ ପ୍ରକୃତ ସତ୍ୟାସତ୍ୟ ସାମ୍ନା ଆଣି ମିଛ ମାମଲା ଦେଇଥିବା ପୁଲିସ ଓ ବିଡିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏଥିସହିତ ସ୍ଥାନୀୟ ସମରେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରି ସରପଞ୍ଚ ଚାମେଲିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ରଜ ଗୀତ ଗାଇ ଦୋଳି ଖେଳିଲେ ସାଂସଦ

ନୀଳଗିରି,୧୪।୬(ସମିସ): ଓଡ଼ିଶାରେ କୋଣ ଅନୁକୋଣରେ ଗଣ ପର୍ବ ଭାବେ ବେଶ୍ ପରିଚିତ ରଜ ପର୍ବ ଏକ ନିଆରା ପର୍ବ ଭାବେ ସମସ୍ତେ ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜକୁ ଗଣ ପର୍ବ ରଜରେ ସାମିଲ କରିଛନ୍ତି। ନୀଳଗିରି ଧୋବଶିଳା ପଞ୍ଚାୟତରେ ଆୟୋଜିତ ରଜ ମହୋତ୍ସବରେ ଉପସ୍ଥିତ ରହି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜେ ଦୋଳିରେ ଝୁଲିବା ସହ ରଜ ଗୀତ ଗାଇଥିଲେ। ରଜ ଏକ କୃଷିଭିତ୍ତିକ ପର୍ବ ବୋଲି ପ୍ରକାଶ କରିବା ସହ ଘରେ ଘରେ ପିଠା ପଣାର ମହକ ବେଶ ସ୍ୱତନ୍ତ୍ର। କୁଆଁରୀମାନଙ୍କ ପାଇଁ ଏହି ରଜ ପର୍ବ ଆହୁରି ସ୍ୱତନ୍ତ୍ର ବୋଲି କହିଥିଲେ ସାଂସଦ ଶ୍ରୀ ଷଡ଼ଙ୍ଗୀ।



## ଅବଧିର ୬ ମାସ ପରେ ବି ଜାମୁଘାଟ ସେତୁ ଅସମ୍ପୂର୍ଣ୍ଣ

# ପୁଣି ଯୋଗାଯୋଗ ବିଚ୍ଛିନ୍ନ ହେବ ବୈଶିଙ୍ଗା-ଉଦଳା ଓ ଉଦଳା-ରେମୁଣା ରାସ୍ତା

କୁଆମରା,୧୪।୬(ସମିସ):

ଉଦଳାରୁ ଜୟପୁର ଦେଇ ବାଲେଶ୍ୱରର ରେମୁଣା ଓ କୁଆମରା ହୋଇ ବୈଶିଙ୍ଗାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଦେଓ ନଦୀ ଉପରେ ଜାମୁଘାଟ ସେତୁ ୨୦୨୨ ଜୁନ ମାସରେ ଭୁଶୁଡ଼ି ପଡ଼ିବାରୁ ଯାତାୟାତର ବାଧା ଉପୁଜି ଆସୁଛି। ତେବେ ଏହି ପୋଲ ପୂର୍ତ୍ତ ବିଭାଗ ଦ୍ୱାରା ୨୦୨୪ରେ ୭ କୋଟି ୫୪ ଲକ୍ଷ ୩୫ ହଜାର ଟଙ୍କା ଅର୍ଥ ବ୍ୟୟ ଅଟକଳ ମଞ୍ଜୁର ହେବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। କାମ ଶେଷ କରାଯିବାକୁ ୨୦୨୬ ଜାନୁଆରୀ ଥିବାବେଳେ ଅବଧିଠାରୁ ୬ ମାସ ବିତିଲାଣି, ତଥାପି କାର୍ଯ୍ୟ ୩୦ ପ୍ରତିଶତ ବାକି ରହିଛି। ମୌସୁମୀ ଆଗମନ, ଆଗକୁ ବର୍ଷାଋତୁ ଆସୁଛି। ଏହା ଅଞ୍ଚଳବାସୀଙ୍କୁ ପୁଣି ଚିନ୍ତାରେ ପକାଇଛି। ଫଳରେ ପୁଣି ବୈଶିଙ୍ଗା-ଉଦଳା ଓ ଉଦଳା-ରେମୁଣା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହେବ। ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

୨୦୨୨ରେ ପୋଲ ଭୁଶୁଡ଼ିବାଠାରୁ କ୍ରମାଗତ ୪ ବର୍ଷ ଧରି ଉତ୍ତର ପାଶ୍ୱର୍ରେ ଅସ୍ଥାୟୀ ପୋଲ (ଡାଇଭରସନ୍) ନିର୍ମାଣ କରାଯାଇଥାଏ। ଅସ୍ଥାୟୀ ପୋଲରେ ୬ ମାସ ଯାତାୟାତ ହୋଇଥାଏ। ମାତ୍ର ବର୍ଷାଋତୁ ଆସିଲେ





ବନ୍ୟା ଜଳ ପୋଲକୁ ଧୋଇ ନେଇଥାଏ। ଫଳରେ ଜନସାଧାରଣ ଦୀର୍ଘ ୪ ବର୍ଷ ଧରି ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବର୍ଷାଋତୁରେ ଅଧିକ ୧୫ କିଲୋମିଟର ଦୂର କନ୍ହେଇବନ୍ଧ ଦେଇ ଯା'ଆସ କରିବାକୁ ପଡ଼ିଥାଏ। ବର୍ଷାଋତୁରେ ବିପଦପୂର୍ଣ୍ଣ ଅସ୍ଥାୟୀ ପୋଲ ଉପରେ ଅମାନିଆ ଯା'ଆସ କରୁଥିବାବେଳେ ବିଗତ ଦୁଇବର୍ଷରେ ତିନିଜଣ ଭାସିଯିବାର ନଜିର ଅଛି। ତତ୍‌ସହିତ ୨୦୨୩ ରେ ଧାନ ବୋଝେଇ ଟ୍ରକ ଓ ୨୦୨୪ରେ କାଠ ବୋଝେଇ ଟ୍ରକ ଓଲଟି ପଡିବା ଯୋଗୁଁ ଗାଡ଼ି ଚାଳକ ଓ ଶ୍ରମିକମାନେ ଆହତ ହୋଇଥିଲେ। ବର୍ଷାଋତୁ ପୂର୍ବରୁ ଏହି ନିର୍ମାଣଧୀନ ପୋଲ କାର୍ଯ୍ୟ ସରିବ କି ନାହିଁ, ତାହା ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏହି ରାସ୍ତାଟି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୁରୁତ୍ୱପୂର୍ଣ୍ଣ। ବଡ଼ସାହି, ବେତନଟୀ ବ୍ଲକ୍ ସମେତ ଗୋପବନ୍ଧୁନଗର ବ୍ଲକ୍‌ର ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା, ବରଡିହି, ଜୟପୁର, କୁଶଳଦା, ପଶୁଦା ପ୍ରଭୃତି ପଞ୍ଚାୟତର ଜନସାଧାରଣ ଓ ବାଲେଶ୍ୱର ଜିଲ୍ଲାର ରେମୁଣା, ନୀଳଗିରି ଓ ସଦର ବ୍ଲକର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଆଗକୁ ବର୍ଷାଋତୁ, ନୂତନ ପୋଲ କାମ ନ ସରିଲେ ଅସ୍ଥାୟୀ ପୋଲରେ କେତେବେଳେ ଯେ କ'ଣ ଘଟିବ; ତାହା କିଏ କହିପାରିବ। ତେବେ ବର୍ଷାଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ପୋଲ କାମ ସାରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ବୈଠକ



ବାରିପଦା, ୧୪।୬(ସମିସ): ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ଏକ ବୈଠକ ରାଜ୍ୟ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲ୍ଲା ମେଡିକାଲ କର୍ମଚାରୀ ଶାଖା ସଂଘର କମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ରହି ସଂଘକୁ ସଦୃଢ କରିବା ନିମନ୍ତେ ଓଡିଶା ମେଡିକାଲ କର୍ମଚାରୀ ସଂଘର ସଭାପତି ଶ୍ରୀ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ଓ ମେଡିକାଲ କଲେଜର କର୍ମଚାରୀଙ୍କ ଅଭାବ ଅସୁବିଧା ବୁଝିବା ନିମନ୍ତେ କେନ୍ଦ୍ରୀୟ ଟିମ୍ ଗଠନ କରି ସବୁ ଜିଲ୍ଲା ଗସ୍ତ କରି କର୍ମଚାରୀଙ୍କ ବିଭିନ୍ନ ଦାବିଗୁଡିକୁ ଆଲୋଚନା କରି ସଭାପତିଙ୍କୁ ପ୍ରଦାନ କରାଯାଇଛି। ମେଡିକାଲ ସର୍ଭିସ୍ ପ୍ରୋଭାଇଡର୍‌ରେ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ ୬ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀଙ୍କୁ ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତି ଦିଆ ନ ଯାଇ ସରକାରଙ୍କ ବିଧିବଦ୍ଧ ଭାବେ ସ୍ଥାୟୀ ନିଯୁକ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦ୍ୱାରା ୨୦୧୬ରେ ଘୋଷିତ ମୟୂରଭଞ୍ଜର ୪୬ଟି ଆଟେଣ୍ଡା ଗ୍ରୁପ୍-ଡି ପଦବୀଙ୍କୁ ଯଥାଶୀଘ୍ର ନିଯୁକ୍ତି, ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ, ସୁଇପର, ପିଅନଙ୍କ ପାଇଁ ସରକାରୀ ବାସଗୃହ ଯୋଗାଇବା, ଗ୍ରୁପ-ଡି କରମଚାରୀଙ୍କ ଚାକିରି ବୟସ ସୀମା ୬୦ରୁ ୬୫ ବର୍ଷକୁ ବୃଦ୍ଧି, ପୂର୍ବରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୪୬ଟି ଗ୍ରୁପ୍-ଡି ପଦବୀର ତୁରନ୍ତ ପୂରଣ, ମ୍ୟାଟ୍ରିକରୁ ଉର୍ଦ୍ଧ୍ୱ ପାସ କରିଥିବା କର୍ମଚାରୀଙ୍କୁ ପଦନ୍ନୋତି ଓ ମେଡିକାଲ କଲେଜ ପରିସରରେ ଆଟେଣ୍ଡାଣ୍ଟ ଓ କର୍ମଚାରୀଙ୍କ ପାଇଁ କ୍ୟାଣ୍ଟିନ ବ୍ୟବସ୍ଥା ଆଦି ଦାବି ରାଜ୍ୟ ସଂଘ ସଭାପତି ଶ୍ରୀ ସ୍ୱାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ସମାଧାନ କରିବେ ବୋଲି କହିଥିଲେ। ଏହି ବୈଠକର ଜିଲ୍ଲା ସଂଘର ସଭାପତି ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ ସୁଶୀଲ କୁମାର ସାହୁ, କୋଷାଧକ୍ଷ ସୁବୋଧ କୁମାର ଜେନା, ସହସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର, ରାଜ୍ୟ ସଂଘ ସମ୍ପାଦକ ବିଶ୍ୱଶଙ୍କର କଳିଆ, ସମ୍ପାଦିକା ଅଜନ୍ତା ଛାଟିଆ, ମେଡିକାଲ କଲେଜ ସମ୍ପାଦକ ମହେନ୍ଦ୍ର ପଲେଇ, କର୍ମକର୍ତ୍ତା ସନ୍ତୋଷ ନାଏକ, ଫୁଲ୍‌କୁଲି ମୁଖୀ, ସୋମବାରୀ ମୁର୍ମୁ, ଭାରତୀ ଆଚାର୍ଯ୍ୟ, ରୀନା ପାଣି, ପ୍ରଜ୍ଞା ସାମନ୍ତରାୟ, ସନ୍ଦୀପ ଧୀର, ସୁଚିସ୍ମିତା ମହାକୁଡ୍, ଓମକାର, ଅନୀଲ ମୁଖୀ, ପପୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଶଙ୍କର କଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ପାଇଁ ୭ଟି ଗୁରୁତ୍ୱପୂର୍ଣ୍ଣ ପଦ ସୃଷ୍ଟି

ବାରିପଦା,୧୪।୬(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଓ ଶିକ୍ଷାଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀ, ଶାରୀରିକ ଶିକ୍ଷା ଅଧିକାରୀ, ସହକାରୀ ପଞ୍ଜିକାର, ଉପପଞ୍ଜିକାର, ବଜେଟ ଓ ହିସାବରକ୍ଷକ ଅଧିକାରୀ, ଉପ ପରୀକ୍ଷା ନିୟନ୍ତ୍ରକ ଓ ସହକାରୀ ପରୀକ୍ଷା ନିୟନ୍ତ୍ରକ ପଦ ସୃଷ୍ଟି କରାଯାଇଛି। ଏ ନେଇ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀମତୀ ମହାନ୍ତ ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପତ୍ର ଲେଖି ଏମଏସସିବି ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ଖାଲିପଡ଼ିଥିବା ବିଭିନ୍ନ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଅନୁମୋଦନ କରିବା, କାର୍ଯ୍ୟରତ କର୍ମଚାରୀଙ୍କ ନିୟମିତୀକରଣ ଓ ବିଶ୍ୱବିଦ୍ୟାଳୟର ସୁଚାରୁ ପରିଚାଳନା ପାଇଁ ଆବଶ୍ୟକ ପ୍ରଶାସନିକ ପଦବୀ ସୃଷ୍ଟି କରିବାକୁ ଦାବି ଜଣାଇଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ମୟୂରଭଞ୍ଜ ଜିଲ୍ଲାର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରକାଶ କରିଛନ୍ତି। ଏହି ପଦ ସୃଷ୍ଟି ହେବା ଫଳରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକଳାପ ଅଧିକ ଗତିଶୀଳ ହେବା ସହିତ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସେବା ଯୋଗାଇବାରେ ସହାୟକ ହେବ ବୋଲି ସେ କହିଛନ୍ତି। ଶ୍ରୀମତୀ ମହାନ୍ତ ଆହୁରି କହିଛନ୍ତି, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଏହି ଦୂରଦର୍ଶୀ ନିଷ୍ପତ୍ତି ବିଶ୍ୱବିଦ୍ୟାଳୟର ବିକାଶକୁ ନୂତନ ଦିଗ ପ୍ରଦାନ କରିବ। ସେ ଆଶା ପ୍ରକାଶ କରିଛନ୍ତି ଯେ, ଅବଶିଷ୍ଟ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ମଧ୍ୟ ଶୀଘ୍ର ପୂରଣ କରାଯାଇ ବିଶ୍ୱବିଦ୍ୟାଳୟକୁ ଆହୁରି ସଶକ୍ତ କରାଯିବ। ଏହି ନିଷ୍ପତ୍ତିକୁ ସ୍ୱାଗତ କରି ପୂର୍ବତନ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ, ପୂର୍ବତନ ସିନେଟ ସଦସ୍ୟ ସଞ୍ଜୀବ ଆଚାର୍ଯ୍ୟ, ବାରିପଦା ପୂର୍ବତନ ବିଧାୟକ କିଶୋର ଦାସ, ଓଡ଼ିଶା ବାର୍ କାଉନସିଲର ସହ-ଅଧ୍ୟକ୍ଷ ଜୀବନ ସାହୁ, ପୂର୍ବତନ ସିଣ୍ଡିକେଟ ସଦସ୍ୟ ତଥା ବାରିପଦା ବାର୍ କାଉନସିଲ ସଭାପତି ଜ୍ୟୋତିପ୍ରକାଶ ରଥ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ପ୍ରମୁଖ ଶ୍ରୀମତୀ ମହାନ୍ତଙ୍କ ଉଦ୍ୟମର ପ୍ରଶଂସା କରିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୌଳିକ ସମସ୍ୟା ସମାଧାନ ଓ ରୋଜଗାର ଦାବି

# ୧୭ରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ବାରିପଦା, ୧୪।୬(ସମିସ): ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା, ଜିଲ୍ଲାରେ ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଭଳି ମୌଳିକ ସମସ୍ୟାର ସମାଧାନ ସହିତ ବେକାରୀ ସମସ୍ୟାରେ ଜର୍ଜରିତ ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ପ୍ରାକୃତିକ ସମ୍ପଦର ଉପଯୋଗ ମାଧ୍ୟମରେ ବେକାର ଯୁବକ/ଯୁବତୀଙ୍କୁ ରୋଜଗାରକ୍ଷମ କରିବା ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ସଂଗଠନ ପକ୍ଷରୁ ଦୀର୍ଘଦିନ ଧରି ଚାଲିଆସୁଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ଆସନ୍ତା ବୁଧବାର ୧୭ ତାରିଖରୁ ଜିଲ୍ଲା ତମାମ ମଶାଲ ଶୋଭାଯାତ୍ରା ଡକରା ଦିଆଯାଇଛି। ଆଜି ବାରିପଦାରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ମନୋଜ କୁମାର ଦାସ, ରାଜକିଶୋର ବୈଠା, ତପନ ଘଡେଇଙ୍କ ନେତୃତ୍ୱରେ ମୁରୁଗାବାଡ଼ି ଜୁବୁଲି ମଣ୍ଡପଠାରେ ଆୟୋଜିତ ମିଶ୍ରଣ ପର୍ବରେ ରବିବାର ବାରିପଦା ସହର ଓ ବାରିପଦା ବ୍ଲକର ଶତାଧିକ ଯୁବଛାତ୍ର ସଂଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ସେଥିରେ ସାମିଲ ହେବା ନିମନ୍ତେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଯୁବ ଛାତ୍ର ସମେତ ସବୁ ବର୍ଗର ସାଧାରଣ ସାମିଲ ହେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଏଥିସହିତ ସଂଗଠନ ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ସମସ୍ୟାକୁ ନେଇ ଆରମ୍ଭ ହୋଇଥିବା ମାସିକ ରିଲ୍ସ ପ୍ରତିଯୋଗିତାର ଆଜି ପୂର୍ବ ମାସରେ ହୋଇଥିବା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ସଂଗଠନ ଆବାହକ ରାକେଶ ବେହେରା ସଂଯୋଜନା କରିଥିଲେ। ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ଦ୍ୱାରା ୫ କୃତୀ ପ୍ରତିଯୋଗୀ ଗ୍ରୁପମାନଙ୍କୁ ଆର୍ଥିକ ଆକାରରେ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ବଣ୍ଟନ କରାଯାଇଥିଲା। କୃତୀ ପତିଯୋଗୀ ଏନଆର ଡ୍ୟାନ୍ସ ଷ୍ଟୁଡିଓ, ଦିସ ଡଟ ଇଚ ଚିଣ୍ଟୁ ୧୩, ମୟୂରଭଞ୍ଜିଆ ସନାସିଂ, ଏମବିଜେ ଷ୍ଟୁଡ଼ିଓ, ବିନଦାସ ଲୋହାର ୪। ଆଗାମୀ ପ୍ରତ୍ୟେକ ମାସରେ ଏହି ମାସିକିଆ ରିଲ୍ସ ପ୍ରତିଯୋଗିତା ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉଭୟ କାର୍ଯ୍ୟକ୍ରମରେ ଓଡ଼ିଆ କଳାକାର ତାପସ ପାଢ଼ୀଙ୍କ ସମେତ ସଂଗଠନ ପକ୍ଷରୁ ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ବରିଷ୍ଠ ସଦସ୍ୟ ଏସକେ ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି।

## ଛାତ୍ରଙ୍କୁ ପୋଷାକ ବଣ୍ଟନ



ରାଇରଙ୍ଗପୁର,୧୪।୬(ସମିସ): ବହଳଦା ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମଧୁସୁଦନ ଦାସ ଉପସ୍ଥିତ ରହି ଛାତ୍ରମାନଙ୍କୁ ଭଲ ମଣିଷ ହେବା ସହ ଅନୁଶାସନ ପ୍ରିୟ ହେଲେ ସବୁଥିରେ ବିଜୟ ହାସଲ କରିହେବ ବୋଲି ମତ ରଖିଥିଲେ। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରା, ଦେବସ୍ମିତା ନାୟକ, ବାବଲୁ ଡାଙ୍ଗିଲ, ଯାସ୍ମି ସୋରେନ, ତପନ କୁମାର ପ୍ରଧାନ ଓ ବିନୋଦ କୁମାର ବାସ୍କେ ପ୍ରମୁଖଙ୍କ ସହ ବାଜୁନ ହାଁସଦା, ସସ୍ମିତା ମହାନ୍ତ ଓ ଶୁଭେନ୍ଦୁ ମହାନ୍ତ ପ୍ରମୁଖ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘରୁ ସୁନାହାର ଛିନତାଇ

ରାଇରଙ୍ଗପୁର/କରଞ୍ଜିଆ,୧୪।୬(ସମିସ): ଘରେ ଶୋଇଥିବାବେଳେ ଜଣେ ମହିଳାଙ୍କଠାରୁ ସୁନାହାର ଛିନତାଇ ହୋଇଛି। ଏ ନେଇ ଅଙ୍କୁରା ଗ୍ରାମର ତପସ୍ୱିନୀ ମହାନ୍ତ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଘର କାମ ଚାଲୁଥିବାବେଳେ ରାତିରେ ଘରେ ଶୋଇଥିଲେ। ଏ ସମୟରେ ଜଣକ ଦୁର୍ବୃତ୍ତ ଘରେ ପସି ତାଙ୍କ ସୁନା ହାର ଓ ଟଙ୍କା ଛାମ୍ପି ଚମ୍ପଟ ମାରିଥିଲା। ସେ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ■ ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନର ଇଂରାଜୀ ବନାନ ସଂଶୋଧନ

# ତାଲିକାରେ ରହିଛି ମୟୂରଭଞ୍ଜର ୫ଟି ନାମ

ବାରିପଦା,୧୪।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ବ୍ଲକ/ତହସିଲ ଓ ଉପଖଣ୍ଡକୁ ମିଶାଇ ୫ଟି ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନଗୁଡ଼ିକର ଇଂରାଜୀ ବନାନ ସଂଶୋଧନ ହେବାକୁ କ୍ୟାବିନେଟ ମଞ୍ଜୁରି ମିଳିଛି। ସଂଶୋଧନ କମିଟିର ସୁପାରିଶ ଅନୁଯାୟୀ ଜିଲ୍ଲାର ବେତନଟୀ ବ୍ଲକ/ତହସିଲର ଇଂରାଜୀ ନାମ ବେତନୋଟି ପରିବର୍ତ୍ତେ ବେତନଟୀ, ଶାମାଖୁଣ୍ଟା ବ୍ଲକ/ତହସିଲର ଇଂରାଜୀ ନାମ ସମାଖୁଣ୍ଟା ପରିବର୍ତ୍ତେ ଶାମାଖୁଣ୍ଟା, ମୋରଡା ବ୍ଲକ/ତହସିଲର ଇଂରାଜୀ ନାମ ମୋରେଡା/ମୋରାଡା ପରିବର୍ତ୍ତେ ମୋରଡ଼ା, ରାସଗୋବିନ୍ଦପୁର ବ୍ଲକ/ତହସିଲର ଇଂରାଜୀ ନାମ ରସଗୋବିନ୍ଦପୁ ପରିବର୍ତ୍ତେ ରାସଗୋବିନ୍ଦପୁର, ପଞ୍ଚପିଢ ଉପଖଣ୍ଡର ଇଂରାଜୀ ନାମ ପାଞ୍ଚପିର ପରିବର୍ତ୍ତେ ପଞ୍ଚପିଢ଼ ଭାବେ ସଂଶୋଧନ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ ଓ ବ୍ଲକ୍‌ର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ବନାନ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡ଼ିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବରୁ ସାଧାରଣ ଜନତା ଓ ଜନପ୍ରତିନିଧିଙ୍କଠାରୁ ପରାମର୍ଶ/ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଥିଲା। ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବକୁ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ପଦ୍ମଭୂଷଣ ଡ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ ହୋଇଥିବା ପ୍ରସ୍ତାବକୁ ସାମିଲ କରାଯିବା ପରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଥିଲା। ଜନସାଧାରଣ ସେମାନଙ୍କ ମତାମତ/ପରାମର୍ଶ ଏପ୍ରିଲ ୨୨ଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର-୭୫୧୦୦୧ ଠିକଣାରେ ପତ୍ର କିମ୍ବା ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିବାକୁ ରାଜ୍ୟପାଳଙ୍କ ଆଦେଶକ୍ରମେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ ଅନୁରୋଧ କରିଥିଲେ। ଏହାପରେ ମତାମତକୁ ବିଚାରକୁ ନିଆଯାଇ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏଣିକି ୫ଟି ସ୍ଥାନର ସଂଶୋଧିତ ନାମ ସରକାରୀ ଓ ବେସରକାରୀ ଭାବେ ବ୍ୟବହାର ହେବ।

## ବସ୍ ଚକା ତଳେ ଚାଲିଗଲା ବୃଦ୍ଧଙ୍କ ଜୀବନ

ଉଦଳା/କପ୍ତିପଦା,୧୪।୬(ସମିସ): ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ବସ୍ ଚକା ତଳେ ଚାଲିଗଲା ବୃଦ୍ଧଙ୍କ ଜୀବନ। ବସ୍‌ଷ୍ଟାଣ୍ଡରୁ ବାହାରି ଉଦଳା ଅଭିମୁଖେ ଆସୁଥିବା ବସ୍ ବୃଦ୍ଧଙ୍କୁ ଧକ୍କା ଦେଇ ତାଙ୍କ ଗୋଡ଼ ଉପରେ ଚଢ଼ିଗଲା। ଫଳରେ ବୃଦ୍ଧ ଗୁରୁତର ଆହତ ହୋଇଥିଲେ। ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।




ମୃତକ ଫୁଲବାଡିଆ ଗ୍ରାମର ଅଭୟ ଦଣ୍ଡପାଟ। କପ୍ତିପଦା ଥାନା ବସ୍‌ଷ୍ଟାଣ୍ଡରେ ସାହୁ ନାମକ ଏକ ଘରୋଇ ବସ ବାଲେଶ୍ୱରରୁ ଉଦଳା ଅଭିମୁଖେ ଆସୁଥିଲା। କପ୍ତିପଦା ବସଷ୍ଟାଣ୍ଡରେ ବସ୍ ବୁଲାଇ ଲୋକଙ୍କୁ ଓହ୍ଲାଇ ଉଦଳା ଅଭିମୁଖେ ଯାଉଥିଲା। ବସଷ୍ଟାଣ୍ଡରୁ ବାହାରିବା ସମୟରେ ରାସ୍ତାରେ ଯାଉଥିବା ଫୁଲବାଡିଆ ଗ୍ରାମର ଅଭୟ ଦଣ୍ଡପାଟଙ୍କୁ ଧକ୍କା ଦେଇଥିଲା। ଅଭୟ ତଳେ ପଡ଼ିଯାଇଥିଲେ ଓ ବସ ତାଙ୍କ ଦୁଇ ଗୋଡ଼ ଉପରେ ଚଢିଯାଇଥିଲା। ସ୍ଥାନୀୟ ଲୋକ ଏହା ଦେଖି ପାଟି କରିବା ସହିତ ବସକୁ ଅଟକାଇଥିଲେ ଓ ଅଜୟଙ୍କୁ ମେଡିକାଲ ପଠାଇଥିଲେ। କପ୍ତିପଦା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରି ଥାନାକୁ ନେଇଥିବାବେଳେ ଗୁରୁତର ଅଭୟଙ୍କର ଉଦଳା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

# ପହିଲି ରଜରେ ଆମିଷ ମାର୍କେଟରେ ପ୍ରବଳ ଭିଡ଼

## ■ ଘରେ ଘରେ ରଜ ଦୋଳି ସହ ପାନ ଓ ବିଭିନ୍ନ ପ୍ରକାର ପିଠାର ସମ୍ଭାର

ବାରିପଦା, ୧୪।୬(ସମିସ): ସାରା ରାଜ୍ୟରେ ରଜପର୍ବକୁ ନେଇ ଉତ୍ସବର ମାହୋଲ ରହିଛି। ସବୁଠି ଧୁମଧାମରେ ରଜ ପର୍ବକୁ ଲୋକେ ପାଳନ କରୁଛନ୍ତି। ରବିବାର ଆମିଷ ବାରରେ ପହିଲି ରଜ ପଡିଥିବାରୁ ଆମିଷ ବଜାରରେ ଭିଡ଼ ଜମିଛି। ସୋମବାର ସଂକ୍ରାନ୍ତି ଥିବାରୁ ଲୋକେ ଆମିଷ ଖାଇବେ ନାହିଁ, ତେଣୁ ରବିବାର ପହିଲି ରଜକୁ ନେଇ ଭିଡ଼ ହୋଇଛି। ଆମିଷ ବଜାରରେ ମାଛ ଓ ମାଂସ ଦର ମଧ୍ୟ କିଛି ମାତ୍ରାରେ ବୃଦ୍ଧି ପାଇଛି। ବାରିପଦା ସହରର କଚେରୀ ପରିବା ମାର୍କେଟ, ପୁଲିସ ଲାଇନ, ପୋଡା ଅସ୍ତିଆ ସମେତ ଅନ୍ୟାନ୍ୟ ସ୍ଥାନରେ ଥିବା ଆମିଷ ଦୋକାନରେ ସକାଳୁ ସକାଳୁ ଲୋକଙ୍କ ପ୍ରବଳ ଗହଳି ରହିଥିଲା। ଦ୍ୱିତୀୟ ଶନିବାର ଓ ରବିବାର ସମେତ ସୋମବାର ରଜସଂକ୍ରାନ୍ତି ଛୁଟି ଥିବାରୁ ବାହାରେ ଥିବା ଚାକିରିଆ ଘରକୁ ଫେରିଛନ୍ତି। ସେମାନେ ପରିବାର ସଦସ୍ୟଙ୍କ ସହ ମିଶି ପହିଲି ରଜରେ ଆମିଷ ଖାଇବାକୁ ନେଇ ଦୋକାନରେ ଭିଡ଼ ଲାଗିଥିବାବେଳେ ଘଣ୍ଟା ଘଣ୍ଟା ଧରି ଲୋକେ ଅପେକ୍ଷା କରି ରହିଥିଲେ।



ବ୍ରୟଲର ଚିକେନ କିଲୋ ପ୍ରତି ୨୫୦ ଟଙ୍କା, ଦେଶୀ ଚିକେନ ୬୦୦/୭୦୦ ଟଙ୍କା, ମଟନ ୮୦୦/୮୫୦ ଟଙ୍କା, ଚିଙ୍ଗୁଡ଼ି ୫୦୦/୭୦୦ ଟଙ୍କା, ମାଛ ୨୦୦/୨୫୦ ଟଙ୍କା ରହିଛି। ରଜକୁ ନେଇ ଘରେ ଘରେ ଦୋଳି ସହ ପାନ ଓ ବିଭିନ୍ନ ପ୍ରକାର ପିଠାର ସମ୍ଭାର ଦେଖିବାକୁ ମିଳିଛି। ରଜ ପାଇଁ ଘରକୁ ବନ୍ଧୁ ଓ ସମ୍ପର୍କୀୟ ଆସୁଥିବ ବେଳେ ପୋଡ଼ ପିଠା ସମେତ ଅନ୍ୟାନ୍ୟ ପିଠା ପଣା ପାଇଁ ପ୍ରସ୍ତୁତି ପହିଲି ରଜରୁ ଆରମ୍ଭ ହୋଇଯାଇଛି। ଗାଁ ଛକରେ ତାସ ଖେଳ, ପଡିଆରେ କବାଡି ପ୍ରତିଯୋଗିତା ସାଙ୍ଗକୁ ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନ ଓ ଅଷ୍ଟମ/ଷୋଳପ୍ରହରୀ ନାମ ସଂକୀର୍ତ୍ତନ ଚାଲିଛି।

## କନିଷ୍ଠ ଯନ୍ତ୍ରୀ, କିରାଣି ଓ ପିଅନ ପଦ ଖାଲି

# ଖଡ଼ିଆ ଓ ମାଙ୍କିଡିଆ ଉନ୍ନୟନ ସଂସ୍ଥାରେ କାର୍ଯ୍ୟ ଠପ୍

ଯଶିପୁର,୧୪।୬(ସମିସ):

ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଜନଜାତି ଖଡ଼ିଆ ଓ ମାଙ୍କିଡିଆଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ୧୯୮୭-୮୮ରେ ଯଶିପୁରରେ ସ୍ୱତନ୍ତ୍ର ଅଫିସ ଖୋଲାଯାଇ ସଠିକନୀତିନିୟମରେକାମଚାଲିଆସୁଥିଲା। ଆଜକୁ ୩୮ ବର୍ଷ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସ୍ଥିତିରେ କନିଷ୍ଠ ଯନ୍ତ୍ରୀ, କିରାଣି ଓ ପିଅନ ପଦ ଖାଲି ପଡ଼ିଥିବାରୁ ଉନ୍ନୟନ କାମ ଠପ୍ ହୋଇଯାଇଛି। କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କେତେକ ଉନ୍ନୟନ ପ୍ରକଳ୍ପ କାମ ଚାଲିଛି। ତାହା ମଧ୍ୟ ଅର୍ଥ ଅଭାବରୁ ଖଡିଆ ଓ ମାଙ୍କିଡିଆ ରହୁଥିବା ଗ୍ରାମରେ କାମ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

ଯଶିପୁର ବ୍ଲକ ଅଧୀନସ୍ଥ ୧୯ଟି



ଗ୍ରାମରେ ଆଦିବାସୀ ଜନଜାତି ଖଡିଆ ସମ୍ପ୍ରଦାୟର ଲୋକେ ରହୁଥିବାବେଳେ ଗୋଟିଏ ଗ୍ରାମ ଦୁର୍ଦ୍ଦୁରାରେ ମାଙ୍କିଡିଆ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ସେହିପରି କରଞ୍ଜିଆ ବ୍ଲକ ଅନ୍ତର୍ଗତ ୧୩ଟି ଗ୍ରାମରେ ଖଡ଼ିଆ ରହୁଥିବାବେଳେ କେନ୍ଦୁମୁଣ୍ଡି ଗ୍ରାମରେ ମାଙ୍କିଡିଆମାନେ ରହୁଛନ୍ତି। ବିଶୋଇ ବ୍ଲକ୍‌ର ବାଙ୍କିଡି ଗ୍ରାମରେ ଖଡିଆ ରହୁଥିବାବେଳେ ଚଟାଣି ଗ୍ରାମରେ ମାଙ୍କିଡିଆ ରହୁଛନ୍ତି। ଠାକୁରମୁଣ୍ଡା ବ୍ଲକ୍ ଅଧୀନସ୍ଥ ଅସନକୁଦର ଗ୍ରାମରେ ଖଡିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷରୁ ରହିଆସୁଛନ୍ତି। ଆଦିବାସୀ ଜନଜାତିଙ୍କ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ବିକାଶ ପାଇଁ ସରକାର ଯେଉଁ ପଦକ୍ଷେପ ନେଇଥିଲେ, ତାହା ସମ୍ପ୍ରତି ଦୁର୍ବଳ ହୋଇପଡିଛି। ଦୁଇ ବର୍ଷ ହେଲା ପର୍ଯ୍ୟାପ୍ତ ପରିମାଣର ସରକାରୀ ଅନୁଦାନ ଆସୁ ନ ଥିବାରୁ ଉନ୍ନୟନ କାମ ହୋଇପାରୁନାହିଁ। ତେଣେ ଯଶିପୁରସ୍ଥ ଖଡିଆ ଓ ମାଙ୍କିଡିଆ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ କୋଡିଏ ବର୍ଷ ପୂର୍ବରୁ ଥିବା କନିଷ୍ଠ ଯନ୍ତ୍ରୀ ପଦବୀ ଖାଲିପଡ଼ିଛି। କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟର ଜଣେ କନିଷ୍ଠ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ ରହି କାମ ଚଳାଇ ଥାଆନ୍ତି। ସେହିପରି ଯଶିପୁର ମୁଖ୍ୟ ଅଫିସ୍‌ରେ କିରାଣି ଓ ଦୁଇଟି ପିଅନ ପଦବୀ ଖାଲି ରହିଛି। ଫଳରେ ସେଠାରେ ଅଫିସ କାମରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଣୁ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ମୟୂରଭଞ୍ଜ ଜିଲ୍ଲାପାଳ, କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଆଦିବାସୀ ଜନଜାତି ସମ୍ପ୍ରଦାୟରେ ମତ ପ୍ରକାଶ ପାଇଛି।

